ସାପ୍ତାହିକ
Postal Regd. No.: SBP/RN-01/2022-2024
ଶ୍ରୀ ସ୍ବୀକାର
The Sweekar ସ୍ବୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 24 | 16 - 22 June 2024 | Sambalpur | Pages- 8 | Invitation Price Rs.10

# ପିଏମ୍‌ଓରେ ପି.କେ ମିଶ୍ରଙ୍କ ତୃତୀୟ ଇନିଂସ ଆରମ୍ଭ

ନୂଆଦିଲ୍ଲୀ: ଓଡ଼ିଶାର ସମ୍ବଲପୁର ଜିଲ୍ଲାର ପଟ୍ଟନାୟକପଡ଼ା ମୂଳବାସିନ୍ଦା ପୂର୍ବତନ ଆଇଏଏସ୍ ଅଫିସର ଡକ୍ଟର ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ ପୁନଃ ନିଯୁକ୍ତ ହୋଇଛନ୍ତି । ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଡକ୍ଟର ମିଶ୍ର ଏହି ପଦବୀରେ ରହିବେ । ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ପ୍ରଶାସନିକ କାର୍ଯ୍ୟ ଓ ନିଯୁକ୍ତିକୁ ପରିଚାଳନା କରିବେ । ୧୯୭୨ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ପାଳିରେ ୨୦୧୪ ମସିହା ମଇ ମାସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ପ୍ରମୁଖ ସଚିବ ରୂପେ ନିଯୁକ୍ତି ପାଇଥିଲେ । ତା'ପରେ ଶ୍ରୀ ମୋଦୀଙ୍କ ଦ୍ୱିତୀୟ ପାଳିରେ ୨୦୧୯ ମସିହା ସେପ୍ଟେମ୍ବର ମାସରେ ପ୍ରମୁଖ ସଚିବ ରୂପେ ପଦୋନ୍ନତି ପାଇ ଗତ ୫ ବର୍ଷ ହେଲା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ରହିଆସିଛନ୍ତି । ଏହା ପୂର୍ବରୁ ସେ କେନ୍ଦ୍ର ସରକାରରେ କୃଷି ସଚିବ ଭାବେ ଅବସର ନେଇଥିଲେ । ଭାରତ ସରକାର କୃଷି ସଚିବ ଭାବେ ଅବସର ନେବା ପରଠାରୁ ସେ ପ୍ରଧାନ ମନ୍ତ୍ରୀ ମୋଦୀଙ୍କର ଘନିଷ୍ଠ ସହଯୋଗୀ ଭାବେ ଏକ ଦଶନ୍ଧି ଧରି କାର୍ଯ୍ୟ କରୁଛନ୍ତି । ମିଶ୍ର ନିଜର ସମୃଦ୍ଧ ପ୍ରଶାସନିକ ଅଭିଜ୍ଞତାକୁ ଆଧାର କରି ପ୍ରମୁଖ ଶାସନ ସଚିବ ଭାବେ ଅତ୍ୟନ୍ତ



ଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ କରୁଛନ୍ତି । ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁଁ ପିଏମ୍‌ଓ ବିଭିନ୍ନ ପ୍ରଶାସନିକ ଆହ୍ୱାନର ସଫଳତାର ସହ ମୁକାବିଲା କରିଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ନିଷ୍ପତ୍ତି ସୁରୁଖୁରରେ କାର୍ଯ୍ୟକାରୀ କରିବାରେ ଶ୍ରୀ ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କର କର୍ମ ନୈପୁଣ୍ୟ ଏବଂ ଦକ୍ଷତା ଉପରେ ମୋଦୀଙ୍କ ଯଥେଷ୍ଟ ବିଶ୍ୱାସ ରହିଛି ।

### ରେକର୍ଡ କରିବେ ପି.କେ.ମିଶ୍ର

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ପ୍ରମୁଖ ଶାସନ ସଚିବ ଭାବେ ସର୍ବାଧିକ କାଳ କାର୍ଯ୍ୟ କରିଥିବା ଅଧିକାରୀ ହେଉଛନ୍ତି ସ୍ୱର୍ଗତ ଟି.କେ.ଏ. ନାୟର । ସେ ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ୭ ବର୍ଷ ୧୨୮ ଦିନ କାର୍ଯ୍ୟ କରିଥିଲେ । ତାଙ୍କ ପଛକୁ ଅଛନ୍ତି ସ୍ୱର୍ଗତ ବ୍ରଜେଶ ମିଶ୍ର । ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳରେ ବ୍ରଜେଶ ମିଶ୍ର ମୋଟ ୬ ବର୍ଷ ୬୪ ଦିନ କାର୍ଯ୍ୟ କରି କ୍ଷମତା ଅଳିନ୍ଦରେ ବେଶ୍ ପ୍ରଭାବ ବିସ୍ତାର କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଥିବାବେଳେ ଦେଶର ପ୍ରଥମ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିବା ସ୍ୱର୍ଗତ ବ୍ରଜେଶ ମିଶ୍ର ପୋଖରନରେ ପରମାଣୁ ବୋମା ପରୀକ୍ଷଣ ଭଳି ଅନେକ ଜଟିଳ ନିଷ୍ପତ୍ତି ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଡକ୍ଟର ପି.କେ.ମିଶ୍ରଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଡକ୍ଟର ମିଶ୍ର ପି.ଏମ୍.ଓରେ ପ୍ରମୁଖ ଶାସନ ସଚିବ ପଦବୀରେ କାର୍ଯ୍ୟ କରିବେ । ଫଳରେ ଆସନ୍ତା ନଭେମ୍ବର ୧୪, ୨୦୨୫ରେ ଡକ୍ଟର ମିଶ୍ର ସ୍ୱର୍ଗତ ବ୍ରଜେଶ ମିଶ୍ରଙ୍କ କାର୍ଯ୍ୟାବଧିକୁ ଅତିକ୍ରମ କରିବେ । ଜାନୁଆରୀ ୧୮, ୨୦୨୭ରେ ଟି.କେ.ଏ. ନାୟରଙ୍କ କାର୍ଯ୍ୟାବଧିକୁ ଅତିକ୍ରମ କରି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ସର୍ବାଧିକ କାଳ କାର୍ଯ୍ୟ କରିଥିବା ଅଧିକାରୀ ଭାବେ ରେକର୍ଡ ସୃଷ୍ଟି କରିବେ ।

### ପିଏମ୍‌ଓର ପ୍ରଥମ ଅତିରିକ୍ତ ପ୍ରମୁଖ ସଚିବ

୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପିଏମ୍‌ଓର ପ୍ରଥମ ଅତିରିକ୍ତ ପ୍ରମୁଖ ସଚିବ ଭାବେ ଡକ୍ଟର ପ୍ରମୋଦ କୁମାର ମିଶ୍ର ନିଯୁକ୍ତି ପାଇଥିଲେ । ଏହି ପଦବୀରେ ସେ ମୋଟ୍ ୫ ବର୍ଷ ୧୦୫ ଦିନ କାର୍ଯ୍ୟ କରିଥିଲେ । ତାଙ୍କ ପରେ ଏହି ପଦରେ ଅଦ୍ୟାବଧି ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ ।

### ପିଏମ୍‌ଓ ପ୍ରମୁଖ ସଚିବ ପଦର ଇତିହାସ

ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକାଳରେ ପିଏମ୍‌ଓରେ ପ୍ରମୁଖ ସଚିବ ପଦ ସୃଷ୍ଟି ହୋଇଥିଲା । ୧୯୭୧ ମସିହାରେ ସ୍ୱର୍ଗତା ଗାନ୍ଧୀ ପି.ଏନ୍.ହକ୍ସରଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପ୍ରଥମ ଶାସନ ସଚିବ ରୂପେ ନିଯୁକ୍ତି ଦେଇଥିଲେ । ଏହି ପଦବୀରେ ଡକ୍ଟର ପ୍ରମୋଦ ମିଶ୍ରଙ୍କୁ ମିଶାଇ ଅଦ୍ୟାବଧି ୧୩ ଜଣ କାର୍ଯ୍ୟ କଲେଣି । ଜୱାହାରଲାଲ ନେହେରୁଙ୍କ ସମୟରେ ଭାରତ ସରକାରଙ୍କ ଜଣେ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ସଚିବାଳୟର ସର୍ବୋଚ୍ଚ ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ । କିନ୍ତୁ ଲାଲ୍ ବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀ ଲକ୍ଷ୍ମୀକାନ୍ତ ଝାଙ୍କୁ ତାଙ୍କର ସଚିବ ନିଯୁକ୍ତି ଦେଇଥିଲେ ।

## ପରିବର୍ତ୍ତନର ସଫଳ ସୂତ୍ରଧର ଧର୍ମେନ୍ଦ୍ର

ସମ୍ବଲପୁର : ଦିନଥିଲା ପେଟ୍ରୋଲିୟମ୍ ମନ୍ତ୍ରାଳୟକୁ କୁହାଯାଉଥିଲା 'କର୍ପୋରେଟ୍ ମନ୍ତ୍ରାଳୟ' । ମାତ୍ର ଏ କର୍ପୋରେଟ୍ ମନ୍ତ୍ରାଳୟକୁ କମନ ମ୍ୟାନ୍ ମନ୍ତ୍ରାଳୟ (ସାଧାରଣ ଲୋକଙ୍କ ମନ୍ତ୍ରାଳୟ)ରେ ପରିଣତ କରିବାର ସମସ୍ତ ଶ୍ରେୟ ନିଅନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶିକ୍ଷା ମନ୍ତ୍ରାଳୟର ଦାୟିତ୍ୱ ନେଇ ନୂଆ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବାକୁ



କଠିନ ପରିଶ୍ରମ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଆସ୍ଥା ଓ ଭରସାକୁ ଜିତିଛନ୍ତି । ମୋଦି ୩.୦ରେ ଜାତୀୟ ରାଜନୀତିରେ ବେଶ୍ ପରିଚିତ ମୁହଁ ଧର୍ମେନ୍ଦ୍ର ପୁଣି କ୍ୟାବିନେଟ୍ ମନ୍ତ୍ରୀ ଭାବେ ତୃତୀୟ ଇନିଂସ ଆରମ୍ଭ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହେଉଛନ୍ତି ବିଜେପିରେ ରାଇଜିଂଷ୍ଟାର । ନିଜ ଦକ୍ଷତା, ନିଷ୍ଠା ଓ ପ୍ରତିବଦ୍ଧତା ପାଇଁ ମୋଦିଙ୍କ ପ୍ରଥମ ପାଳିରେ ପେଟ୍ରୋଲିୟମ ବିଭାଗର ରାଷ୍ଟ୍ରମନ୍ତ୍ରୀରୁ କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ପାଇଲେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଜୟନାରାୟଣ ମିଶ୍ର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ନ ପାଇବାରୁ ତୀବ୍ର ପ୍ରତିକ୍ରିୟା

ସମ୍ବଲପୁର: ପଞ୍ଚମଥରର ବିଧାୟକ ଜୟ ନାରାୟଣ ମିଶ୍ର ନୂଆ ମନ୍ତ୍ରୀମଣ୍ଡଳରୁ ବାଦ୍ ପଡ଼ିବା ପରେ ସମ୍ବଲପୁରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ ପାଳିରେ ବିରୋଧୀ ଦଳର ନେତା ଭାବେ ଜୟ ନାରାୟଣ ନିଜ ଶବ୍ଦବାଣରେ ଘନ ଘନ ଆକ୍ରମଣ କରି ବିଜେଡି ସରକାରକୁ ଅଡୁଆରେ ପକାଇଥିଲେ । ବିଜେଡି ସରକାର ପ୍ରତି ଜୟ ନାରାୟଣଙ୍କ ଆକ୍ରମଣ


### ମର୍ଯ୍ୟାଦାଜନକ ସମ୍ବଲପୁର ଆସନ ପ୍ରତି ଅବିଚାର କାହିଁକି ?

ଏତେ ତୀବ୍ର ଥିଲା ଯେ ଶାସକ ଦଳର ନେତାମାନେ ଏଥିରୁ ବଞ୍ଚିବା ନିମନ୍ତେ ତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ପର୍ଯ୍ୟନ୍ତ କହିବାକୁ ପଛେଇ ନ ଥିଲେ । ବିଜେଡି ସରକାରଙ୍କ ପ୍ରତି ତାଙ୍କ ଆକ୍ରମଣ ଯୋଗୁଁ ରାଜ୍ୟରେ କମ୍ପନ ସୃଷ୍ଟି ହୋଇଥିଲା । ଦୀର୍ଘ ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ପ୍ରତି କଠୋର ଆଭିମୁଖ୍ୟ ରହୁଥିବା ଜଣେ ବିରୋଧୀ ଦଳର ନେତାଙ୍କୁ ଓଡ଼ିଶାବାସୀ ଦେଖିବାକୁ ପାଇଥିଲେ । ଜୟ ନାରାୟଣ ଯେଉଁ ଆଭିମୁଖ୍ୟ ଆପଣେଇ ଥିଲେ ପରବର୍ତ୍ତୀ ସମୟରେ ବିଜେପିର ରାଜ୍ୟ ତଥା ରାଷ୍ଟ୍ରୀୟ ନେତାମାନଙ୍କୁ ବି ସେଭଳି ଆକ୍ରମଣାତ୍ମକ ଆଭିମୁଖ୍ୟରେ ଦେଖିବାକୁ ମିଳିଥିଲା । ଆଉ, ଏହି ରଣନୀତି ବିଜେପିକୁ ଓଡ଼ିଶାରେ ସରକାର ଗଢ଼ିବାରେ ସହାୟକ ହୋଇଥିଲା । ହେଲେ, ଏଥର ଜୟ ନାରାୟଣ ନିଜ ବିଧାନସଭା କ୍ଷେତ୍ରରେ କଡ଼ା ଟକ୍କରର ସମ୍ମୁଖୀନ ହୋଇଥିଲେ । ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀଙ୍କ ପାଇଁ ନିର୍ବାଚନ ଜିତିବା ସମ୍ମାନର ପ୍ରଶ୍ନ ହୋଇଥିବା ଏବଂ ବିଜେଡି ରାଜ୍ୟ ସାଂଗଠନିକ ସଂପାଦକ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ନିର୍ବାଚନ ଲଢୁଥିବାରୁ ଦଳ ପୂରା ଦମ୍ ଲଗାଇଥିଲା । ଜୟ ତାଙ୍କ ଶାରୀରିକ ଅସୁସ୍ଥତା ଯୋଗୁଁ ଲମ୍ବା ସମୟ ସମ୍ବଲପୁରରେ ଅନୁପସ୍ଥିତ ରହିବା ଘଟଣାକୁ ବିଜେଡି



ପ୍ରସଂଗ କରିଥିଲେ ବି ଲୋକେ ଜୟ ନାରାୟଣଙ୍କୁ ବାଛିଥିଲେ । ବିଜେପି ସଂଖ୍ୟାଗରିଷ୍ଠତା ହାସଲ ପରେ ଜୟନାରାୟଣଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ନେଇ ସମ୍ବଲପୁରବାସୀ ଆଶାବାଦୀ ଥିଲେ । ମନ୍ତ୍ରୀମଣ୍ଡଳରୁ ବାଦ୍ ପଡ଼ିବା ସତ୍ତ୍ୱେ ଜୟ ନାରାୟଣ ଏପର୍ଯ୍ୟନ୍ତ ନିରବତା ଅବଲମ୍ବନ କରିଥିବା ବେଳେ ସାମାଜିକ ଗଣମାଧ୍ୟମରେ ଲୋକେ କିନ୍ତୁ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ପଶ୍ଚିମ ଓଡ଼ିଶାରେ ବିଜେପି ସଂଗଠନକୁ ସୁଦୃଢ଼ କରିବା ଠାରୁ ରାଜ୍ୟ ବିଜେପି ପ୍ରତି ତାଙ୍କ ଅବଦାନକୁ ମନେ ପକାଇ ଜୟନାରାୟଣଙ୍କ ସହିତ ଅନ୍ୟାୟ ହୋଇଥିବା ନେଇ ଲୋକେ ଖୋଲାଖୋଲି ଆଲୋଚନା କରୁଛନ୍ତି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)




## ଏ ସଂଖ୍ୟାରେ..


ଷ୍ଟ୍ରୋକ୍ ଆଶଙ୍କା ଦୂର କରେ ମହୁ


ଟମାଟୋ ବଢ଼ାଏ ଦୃଷ୍ଟିଶକ୍ତି


ଅବସାଦରୁ ରକ୍ଷା କରିବ ପ୍ରାର୍ଥନା


ହିତକର ବନ୍ଧାକୋବି


ଡାଇବେଟିସ୍ ଲାଗି ତେନ୍ତୁଳି ପତ୍ର


ଗୋଲମରିଚର ଉପକାରିତା

# ମୋହନ ମାଝୀ: ଶିକ୍ଷକରୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ନିକଟରେ ରାଜ୍ୟର ବିଜେପିର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା ମୋହନ ମାଝୀ ୧୯୭୨ ମସିହା ଜାନୁଆରୀ ୬ରେ କେନ୍ଦୁଝର ସଦର ବ୍ଲକ ରାଇକଳା ଗାଁରେ ଜନ୍ମଗ୍ରହଣ କରିଥିଲେ । ବାପା ସ୍ୱର୍ଗତ ଗୁନାରାମ ମାଝି, ମାଆ ବାଲେ ମାଝି । ମୋହନ କଳାରେ ସ୍ନାତକୋତ୍ତର କରିବା ସହିତ ଏବଂ ଆଇନ ଶିକ୍ଷାରେ ମଧ ସ୍ନାତକ(ଏଲଏଲବି) କରିଛନ୍ତି । ସେ ପ୍ରଥମେ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଜୀ ଭାବେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଶିକ୍ଷକତା ଛାଡି ରାଜନୀତିକୁ ଲମ୍ଫ ମାରିଥିଲେ । ମୋହନ ଚରଣ ମାଝି ରାଇକଳା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇ ରାଜନୀତି ଜୀବନ ଆରମ୍ଭ କରିଥିଲେ । ତାଙ୍କ ପତ୍ନୀଙ୍କ ନାମ ପ୍ରିୟଙ୍କା ମାରାଣ୍ଡି । ସେ ଜଣେ ଆୟୁର୍ବେଦିକ ଡାକ୍ତର ଅଟନ୍ତି । ତାଙ୍କର ଦୁଇ ପୁଅ ଅଛନ୍ତି ।

ଶ୍ରୀ ମାଝି ୨୦୦୦ ମସିହାରେ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ି ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ସେ ସମୁଦାୟ ୫୧,୪୪୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇ ଦ୍ୱାଦଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୪ରେ ବିଧାନସଭା ନିର୍ବାଚନରେ ମୋହନ ପୁଣି ବିଜେପି ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ସେ ସମୁଦାୟ ୪୬,୧୪୬ ଖଣ୍ଡ ଭୋଟ ପାଇଥିଲେ । ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ଦୁଇଥର ଯାକ ପରାଜିତ ହୋଇଥିଲେ । ତେବେ ୨୦୧୯ ବିଧାନସଭା ନିର୍ବାଚନରେ ମୋହନ ବିଜେପି ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ନିର୍ବାଚନମଣ୍ଡଳୀରୁ ଷୋଡ଼ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୪ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀ ମୀନା ମାଝିଙ୍କୁ ୧୧,୫୭୭ଖଣ୍ଡ ଭୋଟରେ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ।

ସେ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ କାର୍ଯ୍ୟ ତୁଲାଇଛନ୍ତି । ବିଜେଡି ଓ ବିଜେପି ମେଣ୍ଟ ସରକାରରେ ୨୦୦୫ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ସରକାରରେ ଉପମୁଖ୍ୟ ସଚେତକ ଭାବେ ମଧ କାର୍ଯ୍ୟ କରିଛନ୍ତି । ୨୦୨୩ ରେ ବିଧାନସଭାରେ ବାଚସ୍ପତିଙ୍କ ପୋଡିୟମକୁ ଡାଲି ଫୋପାଡି ଗୃହରୁ ନିଲମ୍ବିତ ହୋଇ ଚର୍ଚ୍ଚାରେ ଥିଲେ ।

୧୯୯୭ ରୁ ସରପଞ୍ଚ ଭାବେ ରାଜନୀତିକ ଜୀବନ ଆରମ୍ଭ କରିଥିବା ୫୨ ବର୍ଷୀୟ ମୋହନ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ପ୍ରଥମେ ଶିକ୍ଷକତା, ପରେ ସରପଞ୍ଚ ତା'ପରେ ବିଧାୟକ । ବିଧାନସଭା ଭିତରେ ଓ ବାହାରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଯୁକ୍ତି ସଙ୍ଗତ ସମାଲୋଚନା କରି ସେ ସାଧାରଣ ଜନତାଙ୍କ ନିକଟରେ ବେଶ୍ ପରିଚିତ ହୋଇ ପାରିଛନ୍ତି । ବିଧାନସଭା ପବ୍ଲିକ ଆକାଉଣ୍ଟ କମିଟି ଅଧକ୍ଷ, ଷ୍ଟାଣ୍ଡିଂ କମିଟି ଓ ବିଭିନ୍ନ ଗୃହ କମିଟିର ସଦସ୍ୟ ରହିଥିଲେ । ଛାତ୍ରାବସ୍ଥାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ମାଝି ଶିକ୍ଷା ସମାପ୍ତି ପରେ ନିଜ ଅଞ୍ଚଳର ଏକ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ୧୯୯୭ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଇକଳା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ନିଜର ଦୃଢ଼ ଇଚ୍ଛାଶକ୍ତି, ସେବା ମନୋବୃତ୍ତି ଓ ସାଲିସ ବିହୀନ ସଂଗ୍ରାମ ବଳରେ ରାଜ୍ୟ ରାଜନୀତିରେ ନିଜ ପାଦ ସଶକ୍ତ କରିପାରିଛନ୍ତି । ବିଜେପି କେନ୍ଦୁଝର ଜିଲ୍ଲା ସଭାପତି ପଦ ସମେତ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଓ ବିଜେପି ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସମ୍ପାଦକ ମଧ ରହିଛନ୍ତି ଶ୍ରୀ ମାଝି ।

ମୋହନଙ୍କ ପିତା ଗୁନାରାମ ମାଝୀ ରାଇକଳା ବିଦ୍ୟାଳୟରେ ପିଅନ ଭାବେ କାମ କରୁଥିଲେ । ପିଲାଟି ବେଳୁ ମା'ଙ୍କୁ ହରାଇଥିବା ମୋହନ ଘରର ବଡ଼ ପୁଅ ଥିବା ବେଳେ ତାଙ୍କ ତଳେ ଭାଇ ପୂର୍ଣ୍ଣଚନ୍ଦ୍ର ଓ ଭଉଣୀ ରାସମଣି । ଭାଇ ପୂର୍ଣ୍ଣଚନ୍ଦ୍ର ଓ ପିତା ଇତିମଧରେ ଇହଲୀଳା ସମ୍ବରଣ କରିସାରିଛନ୍ତି । ୧୯୮୭ରେ ଝୁମ୍ପୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ମାଟ୍ରିକ୍ ପାସ୍ କରିଥିବା ଶ୍ରୀ ମାଝୀ ଚମ୍ପୁଆର ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ପାସ୍ କରିଥିଲେ । ପରେ ସେ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଚାର୍ଯ୍ୟ ଭାବେ ଯୋଗ ଦେଇଥିଲେ । ୧୯୯୭ରେ ସରପଞ୍ଚ ଥିବା ସମୟରେ ସେ ୨୦୦୦ରେ ବିଜେଡି-ବିଜେପି ମେଣ୍ଟରେ ପ୍ରଥମେ କେନ୍ଦୁଝର ସଦର ଆସନରୁ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ବିଧାନସଭାରେ ପାଦ ଥାପିବା ପରଠାରୁ ପଛକୁ ଫେରି ଚାହିଁନାହାନ୍ତି । ବିଧାନସଭା ଭିତରେ ଓ ବାହାରେ ବିଭିନ୍ନ ପ୍ରସଙ୍ଗରେ ଶାସକ ବିଜେଡିକୁ ଘେରି ସେ ଚର୍ଚ୍ଚାର ପରିସରକୁ ଆସିଥିଲେ । ବିଶେଷକରି ଜିଲ୍ଲାର ବହୁଚର୍ଚ୍ଚିତ ଖଣି ଦୁର୍ନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସମସ୍ୟା ସମ୍ପର୍କରେ ଶ୍ରୀ ମାଝୀ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଧାନସଭାରେ ସ୍ୱରକୁ ଶାଣିତ କରିଥିଲେ । ଏପରିକି ତତ୍କାଳୀନ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) କୁ ହାତପାଣ୍ଠି ଭାବେ ବ୍ୟବହାର କରିବା ଘଟଣାକୁ ଡିଏମ୍ଏଫ୍ ବୈଠକରେ ଶ୍ରୀ ମାଝୀ ତୀବ୍ର ବିରୋଧ କରିଥିଲେ । ତେବେ ଶ୍ରୀ ମାଝୀ ଡିଏମଏଫ୍ କମିଟିରେ ବିଜେପିର ଏକମାତ୍ର ସଦସ୍ୟ ହୋଇଥିବାରୁ ତାଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ କର୍ଣ୍ଣପାତ ନ କରିବା ନେଇ ସେ ବହୁବାର ବିଧାନସଭାରେ ମଧ ପ୍ରଶ୍ନ ଉଠାଇବା ସହ ଡିଏମଏଫ୍ ପାଣ୍ଠିର ଦୁରୁପଯୋଗ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଆସୁଥିଲେ । ଚଳିତ ନିର୍ବାଚନରେ ଶ୍ରୀ ମାଝୀ କେନ୍ଦୁଝର ସଦର ଆସନରୁ ବିଜୟୀ ହୋଇ ଚତୁର୍ଥ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ବିଜେପି ତାଙ୍କ ଭଳି ଜଣେ ଅଭିଜ୍ଞ ଓ ଦକ୍ଷ ନେତୃତ୍ୱ ନେଇ ଆସୁଥିବା ଆଦିବାସୀ ଯୁବନେତାଙ୍କୁ ମୁଖ୍ୟମନ୍ତ୍ରୀ କରିଛନ୍ତି ।

# ମନ୍ତ୍ରୀ ପଦରୁ ବଞ୍ଚିତ ହେଲା ସୁନ୍ଦରଗଡ଼ ଜିଲ୍ଲା

ସୁନ୍ଦରଗଡ଼: ପ୍ରଥମଥର ପାଇଁ ଏକାସାଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଢ଼ିଛି । କେନ୍ଦ୍ରରେ ସୁନ୍ଦରଗଡ଼ ଭାଗରେ ମନ୍ତ୍ରୀ ପଦ ପଡ଼ିଛି, କିନ୍ତୁ ରାଜ୍ୟ କ୍ୟାବିନେଟ୍‌ରେ ବଞ୍ଚିତ ରଖାଯାଇଛି । ଏଥର ଜିଲ୍ଲାରୁ ଦୁଇଜଣ ବିଜେପି ବିଧାୟକ, ଭବାନୀ ଶଙ୍କର ଭୋଇ ଓ ଦୁର୍ଗାଚରଣ ତନ୍ତୀ ହେଭିୱେଟ୍‌ଙ୍କୁ ପରାସ୍ତକରି ନିର୍ବାଚିତ ହୋଇଛନ୍ତି । ଉଭୟଙ୍କ ମଧରୁ ଅନ୍ୟୁନ ଜଣକୁ ମନ୍ତ୍ରୀ ପଦ ମିଳିବା ନେଇ ଜିଲ୍ଲାରେ ଚର୍ଚ୍ଚା ଲାଗିରହିଥିଲା । ମାତ୍ର, ନମିଳିବାରୁ ଦୁଇ ନେତାଙ୍କ ସମର୍ଥକଙ୍କୁ ବହୁମାତ୍ରାରେ ନିରାଶ ହେବାକୁ ପଡ଼ିଛି । ଅନ୍ତତଃ ଦୁଇଥର ଜିତିଥିବା ତଳସରା ବିଧାୟକ ଶ୍ରୀ ଭୋଇଙ୍କ ମୁଣ୍ଡରେ ଏଥର ସୁନାକଳସ ଢାଳିବ ବୋଲି ଭୋଟରମାନଙ୍କର ଆଶା ରହିଥିଲା । ନିର୍ବାଚନ ପ୍ରଚାର ସମୟରେ ବି ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ 'ଭବାନୀ ବାବୁଙ୍କୁ ଜିତାଅ, ସେ ମନ୍ତ୍ରୀ ହେବେ । ତାଙ୍କୁ ମନ୍ତ୍ରୀ କରିବା ମୋର ଦାୟିତ୍ୱ' ବୋଲି ସବୁ ସଭାରେ କହୁଥିଲେ । ଜୁଏଲଙ୍କ ଏଭଳି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଶ୍ରୀ ଭୋଇଙ୍କ ସମର୍ଥକଙ୍କ ମହଲରେ ଖୁସିଆଣି ଦେଇଥିଲା । ଏମିତିକି ତଳସରା ନିର୍ବାଚନମଣ୍ଡଳବାସୀ ପୂର୍ବଥର ଅପେକ୍ଷା ଏଥର ଅଧିକ ଭୋଟରେ ବିଜୟୀ କରାଇଥିଲେ ଶ୍ରୀ ଭୋଇ । ଅପରପକ୍ଷରେ, ପ୍ରଥମଥର ପାଇଁ ଟିକେଟ ପାଇ ବିଜୟୀ ହୋଇଥିବା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ନାଁ ମଧ ଚର୍ଚ୍ଚାରେ ରହିଥିଲା । ଶ୍ରୀ ତନ୍ତୀଙ୍କ ଦୃଢ଼ ସମ୍ପର୍କ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ସହିତ ରହିଛି । ଜିଲ୍ଲାରେ ସେ ଆର୍ଏସ୍ଏସ୍‌ର ଚେହେରା ଭାବେ ମଧ ବେଶ୍ ପରିଚିତ । ଏଣୁ ତାଙ୍କ ଭାଗ୍ୟରେ ମଧ ମନ୍ତ୍ରୀପଦ ମିଳିବା ନେଇ ଆଲୋଚନା ଲାଗି ରହିଥିଲା । ତେବେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଏଥର ସୁନ୍ଦରଗଡ଼ ଜିଲ୍ଲାକୁ ବାଦ୍ ଦିଆଯାଇଛି । ସମ୍ଭବତଃ, କେନ୍ଦ୍ରରେ ଜୁଏଲ ଓରାମଙ୍କୁ ମନ୍ତ୍ରୀପଦ ମିଳିଥିବାରୁ ଜିଲ୍ଲାର ଦୁଇ ଦଳୀୟ ବିଧାୟକଙ୍କ ନାଁ ବିଚାରକୁ ନିଆଯାଇ ନ ଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି ।

## ୨୫ ବର୍ଷ ପରେ ଓଡ଼ିଶାରେ ଉପ ମୁଖ୍ୟମନ୍ତ୍ରୀ ପଦ

ଭୁବନେଶ୍ୱର : ଦୀର୍ଘ ୨୫ ବର୍ଷ ପରେ ଓଡ଼ିଶା ପୁଣି ଦୁଇଜଣ ଉପମୁଖ୍ୟମନ୍ତ୍ରୀ ପାଇଛି । ବିଜେପି ରାଜ୍ୟରେ ନୂଆ ସରକାର ଗଠନ କରିଥିବା ବେଳେ ମୋହନ ମାଝି ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ଭାବରେ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ନାମ ଘୋଷଣା କରାଯାଇଛି । ଓଡ଼ିଶା ଇତିହାସରେ ୩ ଉପ ମୁଖ୍ୟମନ୍ତ୍ରୀ ରହିଛନ୍ତି । ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ବେଳେ ନୀଳମଣି ରାଉତରାୟ ଉପ ମୁଖ୍ୟମନ୍ତ୍ରୀ ରହିଥିଲେ । ସେହିପରି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରଙ୍କ ସମୟରେ ୧୯୯୫ ମସିହାରେ ହେମାନନ୍ଦ ବିଶ୍ୱାଳ ଓ ବସନ୍ତ ବିଶ୍ୱାଳ ଉପମୁଖ୍ୟମନ୍ତ୍ରୀ ରହିଥିଲେ । ଉଭୟ ଓଡ଼ିଶାର ଶେଷ ଉପମୁଖ୍ୟମନ୍ତ୍ରୀ ଥିଲେ । ହେମାନନ୍ଦ ୧୯୯୮ ମସିହା ଏବଂ ବସନ୍ତ ବିଶ୍ୱାଳ ୧୭ ଫେବୃଆରୀ ୧୯୯୯ ଯାଏ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳି ଥିଲେ । ତେବେ ୨୫ ବର୍ଷ ପରେ ଏବେ ପୁଣି ଓଡ଼ିଶାକୁ ଉପ ମୁଖ୍ୟମନ୍ତ୍ରୀ ମିଳିଛନ୍ତି ।

# ମୋହନ ମାଝୀଙ୍କ ଶପଥ ଗ୍ରହଣ ଉତ୍ସବରେ ଆକର୍ଷଣର କେନ୍ଦ୍ର ନବୀନ ପଟ୍ଟନାୟକ

ଭୁବନେଶ୍ୱର: ମାତ୍ର ଦୁଇ ସପ୍ତାହର ବ୍ୟବଧାନ । ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ପୂର୍ବରୁ ବିଜେଡି ଓ ବିଜେପି ପରସ୍ପରକୁ ଶାଣିତ ଆକ୍ରମଣ କରିଥିଲେ । ଉଭୟ ଦଳର ଶୀର୍ଷନେତାମାନେ ପରସ୍ପରକୁ ଆକ୍ଷେପ ଓ ପ୍ରତି ଆକ୍ଷେପ କରିବାରେ ଲାଗିଥିଲେ । ଯେମିତି ଲାଗୁଥିଲା ଉଭୟ ରାଜନୈତିକ ଦଳ ପରସ୍ପରର ଆଜନ୍ମ ଶତ୍ରୁ । ଇତିମଧରେ ରାଜ୍ୟରେ ରାଜନୈତିକ ସ୍ଥିତି ବଦଳିଛି । ଆଉ ନୂତନ ସରକାର ଗଠନ ଓ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଦେଖିବାକୁ ମିଳିଛି ଗଣତନ୍ତ୍ରର ମାଧୁର୍ଯ୍ୟ । ବିଜୟୀ ବିଜେପିର ବିଧାୟକ ଓ ନେତାମାନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ ରାଜନୀତିରେ ସୌଜନ୍ୟତାର ଗାରିମାକୁ ବୃଦ୍ଧି କରିଛି । ଅପରପକ୍ଷରେ ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରୁଥିବା ବିଜେପି ନେତାମାନେ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ସହ ଉତ୍ସବରେ ଯୋଗ ଦେବା ନିମନ୍ତେ ନିଜେ ମୋହନ ଚରଣ ମାଝି ନବୀନ ନିବାସରେ ପହଞ୍ଚି ଅନୁରୋଧ କରିବା ନବୀନଙ୍କ ପ୍ରତି ରହିଥିବା ଶ୍ରଦ୍ଧାକୁ ପ୍ରକଟିତ କରିଛି । ତେବେ ଶପଥ ଗ୍ରହଣ ଉତ୍ସବରେ ରାଜନୈତିକ ସୌହାର୍ଦ୍ଦ୍ୟ ଓ ଗଣତନ୍ତ୍ରର ଯେଉଁ ସୌନ୍ଦର୍ଯ୍ୟ ଜନତା ମଇଦାନରେ ଦେଖିବାକୁ ମିଳିଛି ଭିନ୍ନ ଏକ ଦୃଶ୍ୟ । ଏହି ଉତ୍ସବରେ ବହୁ ରାଜନେତା ଯୋଗ ଦେଇଥିଲେ ହେଁ ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୪ ବର୍ଷର ଧରି ଭାରତୀୟ ରାଜନୀତିରେ ନୂଆ ଇତିହାସ ରଚିଥିବା ଶ୍ରୀ ପଟ୍ଟନାୟକଙ୍କୁ ଯଥୋଚିତ ସମ୍ମାନ ଦେବାରେ ଅବହେଳା କରି ନ ଥିଲେ ବିଜେପିର ଶୀର୍ଷ ନେତୃତ୍ୱ ।

ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବସ୍ଥଳ ଜନତା ମଇଦାନରେ ପ୍ରତିଶ୍ରୁତି ରକ୍ଷାକରି ନବୀନ ପହଞ୍ଚିଥିଲେ । ତାଙ୍କ ସୁରକ୍ଷାକର୍ମୀ ମଞ୍ଚ ତଳେ ଥିବା ଭିଭିଆଇପି ସେକ୍ଟର ଆଡ଼କୁ ଯାଉଥିଲେ । କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଅତ୍ୟନ୍ତ ସମ୍ମାନର ସହ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ଅନୁଜ ପରି ଧର୍ମେନ୍ଦ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବା ସହ ଦଳର ଜାତୀୟ ନେତା ଓ ନବୀନଙ୍କ ମଧରେ ଭାବବିନିମୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦେଖା ଯାଇଥିଲା ।

କିଛି ସମୟ ପୂର୍ବରୁ ମଞ୍ଚରେ ପହଞ୍ଚିଥିବା ଶାହ ନବୀନଙ୍କୁ ଦେଖିବା ମାତ୍ରେ ଛିଡ଼ା ହୋଇ ଯାଇଥିଲେ । ଶାହ ନବୀନଙ୍କୁ ମଞ୍ଚ ଉପରକୁ ପାଛୋଟି ନେବା ସହ ନବୀନଙ୍କୁ ହାତ ଯୋଡ଼ି ସମ୍ମାନ ଜଣାଇଥିଲେ । ପ୍ରତି ଜବାବରେ ନବୀନ ହାତଯୋଡ଼ି ଶାହଙ୍କୁ ପ୍ରତି ନମସ୍କାର କରିଥିଲେ ।

ଧର୍ମେନ୍ଦ୍ର ନବୀନଙ୍କୁ ନେଇ ନଡ୍ଡାଙ୍କ ପାଖରେ ବସାଇଥିଲେ । ନବୀନଙ୍କୁ ଦେଖି ରାଜନାଥ ଚୌକିରୁ ଉଠି ଯାଇ ତାଙ୍କ ହାତ ଧରି ପକାଇଥିଲେ । କିଛି ସମୟ ପାଇଁ ଉଭୟେ କଥା ହୋଇଥିଲେ । ପରେ ନଡ୍ଡା ବି ନିଜ ସିଟ୍‌ରୁ ଉଠି ନବୀନଙ୍କୁ ନମସ୍କାର କରିବା ସହ କଥା ହେଲେ । ନବୀନ ବି ସମାନ ଢଙ୍ଗରେ ସମ୍ମାନ ଜଣାଉଥିଲେ । ସେ ନଡ୍ଡା ଓ ଧର୍ମେନ୍ଦ୍ରଙ୍କ ମଝିରେ ବସିଥିଲେ । ଶପଥ ଉତ୍ସବର ଆରମ୍ଭରୁ ଶେଷ ଯାଏ ଉଭୟ ନଡ୍ଡା ଓ ଧର୍ମେନ୍ଦ୍ର ମଝିରେ ମଝିରେ ନବୀନଙ୍କ ସହ ହସଖୁସିର ସହ କଥା ହେଉଥିଲେ । ନବୀନ ବି ସେମାନଙ୍କ ସହ ଆନ୍ତରିକତାର ସହ ଭାବ ବିନିମୟ କରୁଥିଲେ । ସବୁଠୁ ରୋଚକ ଥିଲା ଶପଥ ନେବା ପରର ଦୃଶ୍ୟ । ଶପଥ ସମାରୋହ ଶେଷ ପରେ ମୋଦି ଲୋକଙ୍କ ଉଦ୍ଦେଶ୍ୟରେ ହାତ ହଲାଇବା ସହ ପ୍ରଣାମ ଜଣାଉଥିଲେ । ମଞ୍ଚରୁ ଓହ୍ଲାଇବା ପୂର୍ବରୁ ତାଙ୍କ ନଜର ନବୀନଙ୍କ ଉପରେ ପଡ଼ିଥିଲା । ସେ ନବୀନଙ୍କ ପାଖକୁ ଯାଇ ତାଙ୍କ ଦୁଇ ହାତକୁ ଜାବୁଡ଼ି ଧରିଥିଲେ । ଏହା ଉଭୟଙ୍କ ମଧରେ ଥିବା ଆନ୍ତରିକତା ଭରା ସମ୍ପର୍କକୁ ବଖାଣିଥିଲେ । କିଛି ସମୟ ଦୁହେଁ କଥା ହୋଇଥିଲେ । ପରେ ଅନ୍ୟ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ନବୀନ ଅଳ୍ପ ସମୟ ପାଇଁ କଥା ହୋଇ ମଞ୍ଚରୁ ଓହ୍ଲାଇଥିଲେ । ବିଜେପିର ଅନ୍ୟ ନେତାମାନେ ନବୀନଙ୍କୁ ଛାଡ଼ିବାକୁ ଗାଡ଼ି ପର୍ଯ୍ୟନ୍ତ ଆସିଥିଲେ । ମଞ୍ଚ ତଳୁ ଏହି ଦୃଶ୍ୟକୁ ଦେଖୁଥିବା ଲୋକେ ବି ଏହାକୁ ପ୍ରଶଂସା କରିଥିଲେ ।

ପୁନଶ୍ଚ ଶପଥ ପରେ ନବନିଯୁକ୍ତ ମନ୍ତ୍ରୀମାନେ ମଧ ନବୀନଙ୍କୁ ସମ୍ମାନ୍ ପ୍ରଦର୍ଶନ ସହ ନମସ୍କାର କରିଥିଲେ । ଏମାନଙ୍କ ମଧରୁ ଅଧିକାଂଶ ଥିଲେ ପ୍ରଥମଥର ବିଧାୟକ, ଯେଉଁମାନଙ୍କୁ ଚିହ୍ନିବାର ଅବସର ନବୀନଙ୍କର ନ ଥିଲା । ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମସ୍ତଙ୍କୁ ନବୀନଙ୍କ ସହ ପରିଚୟ କରାଇ ଦେଉଥିବା ଦେଖା ଯାଇଥିଲା । ସେହିପରି ଉତ୍ସବ ଶେଷ ପରେ ନିଜେ ଧର୍ମେନ୍ଦ୍ର ମଧ ବିଦାୟ ଦେବା ପାଇଁ ଆସିବା, ଏପରିକି ତାଙ୍କ ଯିବା ପାଇଁ ଚେୟାର ହଟାଇ ରାସ୍ତା ପରିଷ୍କାର କରିବା ଦୃଶ୍ୟରୁ ନବୀନଙ୍କ ପ୍ରତି ରହିଥିବା ତାଙ୍କର ଶ୍ରଦ୍ଧା ପ୍ରତିଫଳିତ ହୋଇଥିଲା । ଅନୁରୂପ ଭାବରେ ଜଣକ ପରେ ଜଣେ ବିଜେପି ନେତା, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଞ୍ଚଉପରେ ଯେପରି ସମ୍ମାନ ଜଣାଉଥିଲେ, ସେଥିରୁ ନବୀନଙ୍କ ମୂଲ୍ୟବୋଧ ଭିତ୍ତିକ ଆକର୍ଷଣୀୟ ରାଜନୈତିକ ବ୍ୟକ୍ତିତ୍ୱ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା ।

ବର୍ଷ ୨୮, ସଂଖ୍ୟା - ୨୪, ୧୭ - ୨୨ ଜୁନ୍ ୨୦୨୪

# ଓଡ଼ିଶାରେ ବି ରାଜସ୍ଥାନ ଓ ଛତିଶଗଡ଼ ଢାଞ୍ଚା


ପ୍ରଥମଥର ଓଡ଼ିଶାରେ ଏକାକୀ ସରକାର ଗଠନ କରି ଭାରତୀୟ ଜନତା ପାର୍ଟି ମନ୍ତ୍ରୀମଣ୍ଡଳ ଗଠନରେ ଛତିଶଗଡ଼ ଓ ରାଜସ୍ଥାନ ଢାଞ୍ଚା ଆପଣାଇଛି । ଗତବର୍ଷ ଉଭୟ ରାଜ୍ୟରେ ବିଜେପି ମୁଖ୍ୟମନ୍ତ୍ରୀ ପଦରେ ଅନାଲୋଚିତ ରାଜନେତାଙ୍କୁ ଅବସ୍ଥାପିତ କରିବା ପରି ଓଡ଼ିଶାରେ ମଧ ଅନୁରୂପ ପଦ୍ଧତି ଅବଲମ୍ବନ କରିଛି । ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିବା ପରମ୍ପରାରେ ଅନୁସରଣ କରିବା ପରିବର୍ତ୍ତେ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ମନୋନୟନ ବା ବିଧାୟକ ଦଳ ନେତା ନିର୍ବାଚନ କରିବା ଉପରେ ଦଳ ଗୁରୁତ୍ୱ ଦେଇଛି । ଚଳିତ ନିର୍ବାଚନରେ ବିଜେପିରୁ ନିର୍ବାଚିତ ବିଧାୟକଙ୍କ ମଧରୁ ତିନି- ଚତୁର୍ଥାଂଶ ପ୍ରଥମଥର ନିର୍ବାଚିତ ହୋଇଛନ୍ତି । ଏହି କ୍ରମରେ ଦଳର ଯେଉଁ କିଛି ଅଭିଜ୍ଞ ବା ପୂର୍ବରୁ ନିର୍ବାଚିତ ହୋଇଥିବା ବିଧାୟକ ଅଛନ୍ତି, ସେମାନଙ୍କ ନାମକୁ ନେଇ ସ୍ୱାଭାବିକ ଚର୍ଚ୍ଚା ହେଉଥିଲା । ଅନ୍ୟପକ୍ଷରେ ନିର୍ବାଚନରେ ପରାଜିତ ହୋଇଥିବା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ମଧ ଚର୍ଚ୍ଚା ପରିଧିକୁ ଆସିଥିଲା । ମାତ୍ର ସଂଘ ପରିବାରର ପୃଷ୍ଠଭୂମି ଓ ପୂର୍ବରୁ ଦୁଇଟି ବିଧାନସଭାରେ ଦଳର ଉପମୁଖ୍ୟ ଓ ମୁଖ୍ୟ ସଚେତକ ରହିଥିବା ମୋହନଙ୍କ ଉପରେ ଆସ୍ଥା ସ୍ଥାପନ କରିଥିଲେ ବିଜେପି ଶୀର୍ଷ ନେତୃତ୍ୱ । ଯେମିତି ଢାଞ୍ଚାରେ ରାଜସ୍ଥାନ ଓ ଛତିଶଗଡ଼ରେ ବିଜେପି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି କରିଥିଲା, ଓଡ଼ିଶାରେ ଅନୁରୂପ ଢାଞ୍ଚା ଆପଣେଇଛି ।

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳର ବୈଠକରେ କେନ୍ଦୁଝରର ବିଧାୟକ ମୋହନ ମାଝୀଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି । ଏଥିସହ ପାଟଣାଗଡ଼ ବିଧାୟକ କେ.ଭି ସିଂହଦେଓ ଓ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡା ଉପ-ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଛନ୍ତି । ପ୍ରଥମ ଥର ପାଇଁ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ପାଇଁ ଶାସନ ଭାର ସମ୍ଭାଳିବା ବଡ଼ ଚ୍ୟାଲେଞ୍ଜ ହେବ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ରଖାଯାଇଛି । ଦୀର୍ଘ ୨୫ ବର୍ଷ ପରେ ଓଡ଼ିଶାରେ ପୁଣି ଉପମୁଖ୍ୟମନ୍ତ୍ରୀ ପଦ ସୃଷ୍ଟି ହୋଇଛି । ଜାନକୀ ପଟ୍ଟନାୟକଙ୍କ ସରକାରରେ ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

ନେତା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟି ସବୁବେଳେ ସରପ୍ରାଇଜ୍ କାର୍ଡ ଖେଳି ସମସ୍ତଙ୍କୁ ଚକିତ କରିବାର ଉଦାହରଣ ରହିଛି । ଓଡ଼ିଶାରେ ଏଥର ମଧ ସେମିତି ହୋଇଛି । ଛତିଶଗଡ଼ ପରି ଓଡ଼ିଶାରେ ମଧ ଆଦିବାସୀ ଚେହେରାଙ୍କୁ ଫୋକସ୍ କରି ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦଳ ନିଷ୍ପତ୍ତି ନେଇଛି । କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ରାଜ୍ୟ ବିଜେପିର ଟାଣୁଆ ଆଦିବାସୀ ନେତା । ପୂର୍ବରୁ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ରହିଥିଲେ ମୋହନ ମାଝୀ । ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ସଂଘ ପୃଷ୍ଠଭୂମିରୁ ଆସିଥିବା ନେତା ଓ ପୂର୍ବରୁ ସେ ଶିକ୍ଷକତା କରୁଥିଲେ । ମୋହନ ମଧ ସଂଘ ପୃଷ୍ଠଭୂମିରୁ ଆସିଛନ୍ତି ଓ ଜୀବନର ପ୍ରାରମ୍ଭିକ ସମୟରେ ସେ ଶିଶୁମନ୍ଦିରରେ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି । ପରେ ସେ ସରପଞ୍ଚରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ଏବେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ବିଜେପି ରାଜ୍ୟରେ ପ୍ରଥମଥର ସରକାର କରିବାକୁ ଯାଉଥିବା ବେଳେ ଜଣେ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦେଇ ସମସ୍ତଙ୍କୁ ଚକିତ କରିଛି । ରାଜସ୍ଥାନରେ ଦିୟା କୁମାରୀ ଡେପୁଟି ସିଏମ୍ ହୋଇଛନ୍ତି । ସେହି ଫର୍ମୁଲାରେ ଓଡ଼ିଶାରେ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ଟାଣୁଆ ଚେହେରା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ରୂପେ ମନୋନୀତ ହୋଇଛନ୍ତି । ପୂର୍ବରୁ କେ. ଭି ସିଂହଦେଓ ବିଜେଡି ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ରହିଥିଲେ ।

## ଅହିଂସାର ବିଶ୍ୱଜନୀନତା

**ମହାତ୍ମା ଗାନ୍ଧୀ**



ଜୀବନର ଏକ ବ୍ରତରେ ପରିଣତ ହେବାକୁ ହେଲେ ଅହିଂସାକୁ ସବୁ କ୍ଷେତ୍ରରେ ରହିବାକୁ ପଡ଼ିବ । ମୋ'ର ଗୋଟିଏ କାର୍ଯ୍ୟରେ ମୁଁ ଅହିଂସ ଏବଂ ଆଉ ଗୋଟିଏ କାର୍ଯ୍ୟରେ ହିଂସାତ୍ମକ କଦାପି ହୋଇ ପାରିବି ନାହିଁ ।

କେବଳ ବ୍ୟକ୍ତିମାନେ ହିଁ ଅହିଂସାର ଆଚରଣ କରି ପାରିବେ ଏବଂ ସେହି ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇଥିବା ଜାତିମାନେ ତାହା କରି ପାରିବେ ନାହିଁ, ଏପରି କହିବାକୁ ମୁଁ ଏକ ଈଶ୍ୱରଦ୍ରୋହ ବୋଲି କହିବି ।

ମୋ' ମତରେ ଅହିଂସାକୁ ଆଦୌ କୌଣସି ଆକାର ବା ପ୍ରକାରର ନିଷ୍କ୍ରିୟତା ବୋଲି କୁହାଯାଇ ପାରିବ ନାହିଁ । ମୁଁ ଯେପରି ବୁଝିଛି, ଅହିଂସା ହେଉଛି ପୃଥିବୀରେ ସବୁଠାରୁ ଅଧିକ କ୍ରିୟାଶୀଳ ହୋଇ ରହିଥିବା ଗୋଟିଏ ଶକ୍ତି ।... ଅହିଂସା ହେଉଛି ସର୍ବୋଚ୍ଚ ବିଧାନ । ମୋ' ଜୀବନର ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଅଭିଜ୍ଞତାରେ ମୁଁ ଏପରି କୌଣସି ଅବସ୍ଥାରେ ଆସି ପହଞ୍ଚି ନାହିଁ, ଯେତେବେଳେ କି ମୋତେ ମୁଁ ଅସହାୟ ହୋଇପଡ଼ିଲି ଏବଂ ଅହିଂସାର ମାର୍ଗରେ ମୋ' ପାଖରେ ଆଦୌ କୌଣସି ପ୍ରତିକାର ନାହିଁ ବୋଲି କହିବାକୁ ପଡ଼ିଛି ।

ମୁଁ ଜଣେ ଅଦମ୍ୟ ଆଶାବାଦୀ । ବ୍ୟକ୍ତି ମଧରେ ଅହିଂସାକୁ ବିକଶିତ କରି ଆଣିବା ଲାଗି ଅନନ୍ତ ସମ୍ଭାବନା ଯେ ରହିଛି, ମୋ'ର ଆଶାବାଦ ସେହି ବିଶ୍ୱାସକୁ ଆଧାର କରି ଛିଡ଼ା ହୋଇଛି । ତୁମେ ନିଜର ଜୀବନରେ ତାହାର ଯେତେ ଅଧିକ ବିକାଶ କରି ପାରିବ, ତାହା ସେତିକି ଅଧିକ ପରିମାଣରେ ସଂକ୍ରାମକ ହେଉଥବ ଏବଂ ଶେଷରେ ତାହା ତୁମର ସମଗ୍ର ପରିପାର୍ଶ୍ୱଟିକୁ ଆଚ୍ଛାଦିତ କରିଦେବ ଏବଂ କ୍ରମଶଃ ସମସ୍ତ ସଂସାରକୁ ହିଁ ବ୍ୟାପ୍ତ ହୋଇଯିବ ।

ଅହିଂସା ଯେ ଆଦୌ ଏକ ମଠ ଭିତରେ ଆବଦ୍ଧ ହୋଇ ରହିଥିବା ଗୁଣ ନୁହେଁ ଏବଂ ଏହାକୁ ଯେ କେବଳ ଜଣେ ବ୍ୟକ୍ତି ତା' ନିଜର ଶାନ୍ତି ଏବଂ ଅନ୍ତିମ ମୋକ୍ଷ ଲାଗି ଅଭ୍ୟାସ କରିବ ନାହିଁ, ଯଦି ସମାଜକୁ ମାନବୋଚିତ ସମ୍ମାନବୋଧ ସହିତ ସଙ୍ଗତି ରଖି ତିଷ୍ଠି ରହିବାକୁ ହୁଏ ତଥା ଏହା ଯୁଗ ଯୁଗ ଧରି ଆକାଂକ୍ଷା ରଖି ଆସିଥିବା ସେହି ଶାନ୍ତିର ଉପଲବ୍ଧି ଲାଗି ଯଦି ତାହାକୁ ଅଗ୍ରଗତି କରିବାକୁ ହୁଏ, ତେବେ ସମାଜ ଲାଗି ମଧ ଯେ ଅହିଂସାକୁ ଏକ ଆଚରଣବିଧ ହୋଇ ରହିବାକୁ ହେବ । ମୋ' ଯୌବନର ପ୍ରଥମ କାଳରୁ ହିଁ ମୁଁ ସେକଥା ଜାଣି ପାରିଛି ।

ସଂସାରର ବ୍ୟାପାରଗୁଡ଼ିକର କ୍ଷେତ୍ରରେ ଅହିଂସାକୁ କାମରେ ଲଗାଇ ଜାଣିଲେ ଯାଇ ଆମେ ତାହାର ଯଥାର୍ଥ ମୂଲ୍ୟକୁ ହୃଦୟଙ୍ଗମ କରି ପାରିବା । ସେତେବେଳେ ଏହି ପୃଥିବୀ-ପୃଷ୍ଠକୁ ସ୍ୱର୍ଗରାଜ୍ୟର ଅବତରଣ କରାଇ ଆଣିବା ହିଁ ଏହାର କାମ୍ୟ ହୋଇ ରହିବ । ପରଲୋକ ବୋଲି ପ୍ରକୃତରେ କୌଣସି ବସ୍ତୁ ନାହିଁ । ଯାବତୀୟ ଲୋକ ହେଉଛନ୍ତି ସେହି ଗୋଟିଏ ଲୋକ । ତେଣୁ, ପ୍ରକୃତରେ କୌଣସି 'ନିଜ' ନାହିଁ କିମ୍ବା କୌଣସି 'ପର' ନାହିଁ । ବୈଜ୍ଞାନିକ ଜୀନସ୍ ଯେପରି ପ୍ରମାଣ କରି ଦେଖାଇ ଦେଇଛନ୍ତି, ଦୂରଦୁରାନ୍ତର ତାରା, ଯେଉଁଗୁଡ଼ିକ କି ସବୁଠାରୁ ଅଧିକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ବି ଦୃଷ୍ଟିଗୋଚର ହୁଅନ୍ତି ନାହିଁ, ସେମାନଙ୍କ ସମେତ ଏହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ କେବଳ ଗୋଟିଏ ଅଣୁ ମଧକୁ ମଧ କ୍ଷୁଦ୍ର କରି ଅଣାଯାଇ ପାରିବ ।

ତେଣୁ, କେବଳ ଗୁମ୍ଫାବାସୀଙ୍କର ଜୀବନ ମଧରେ ଅହିଂସାର ପ୍ରୟୋଗକୁ ସୀମାବଦ୍ଧ କରି ରଖିଲେ ଏବଂ ପରଲୋକରେ ନିଜ ପାଇଁ ଏକ ଅଧିକ ଅନୁଗ୍ରହପାପ୍ତ ସ୍ଥାନ ଲାଗି ଯୋଗ୍ୟତା ହାସଲ କରିବାର ସାଧନରୂପେ ତାହାକୁ ବ୍ୟବହାର କଲେ ତାହା ଏକାନ୍ତ ଭୁଲ୍ ହେବ ବୋଲି ମୋ'ର ମତ । ଯଦି କୌଣସି ଗୁଣ ଜୀବନର ଯାବତୀୟ କ୍ଷେତ୍ରରେ କାମ ଦେଇ ନପାରିଲା ତେବେ ତାହାର ଆଦୌ କୌଣସି ଉପଯୋଗିତା ହିଁ ରହିବନାହିଁ ।


ଆମ ଲାଗି ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ଏକ ବୃହତ୍ ସାମୂହିକ ସ୍ତରରେ ସାହସୀର ଅହିଂସା ସହିତ ଆମର କୌଣସି ପରିଚୟ ନାହିଁ । ବୃହତ୍ ଜନ ସମୂହମାନଙ୍କର କଥା ଦୂରେ ଥାଉ, ଗୋଟିଏ ଗୋଟିଏ ଗୋଷ୍ଠୀ ମଧ କେତେ ଦୂର ଅହିଂସାର ପ୍ରୟୋଗ କରିପାରିବେ, ତାହାର ସମ୍ଭାବନା ବିଷୟରେ କେତେକଙ୍କର ସନ୍ଦେହ ରହିଛି । ସେମାନେ କେବଳ ବିଶେଷ ବ୍ୟକ୍ତିମାନଙ୍କର କ୍ଷେତ୍ରକୁ ହିଁ ଅହିଂସାର ପ୍ରୟୋଗକୁ ସୀମିତ କରି ରଖନ୍ତି । ମାତ୍ର, ସତ କଥା ହେଉଛି, ଯଦି ତାହା ସର୍ବଦା କେବଳ କେତେକ ବ୍ୟକ୍ତିଙ୍କ ଲାଗି ହିଁ ରହିବ, ତେବେ ମନୁଷ୍ୟଜାତି ତାହା ଦ୍ୱାରା ଉପକୃତ ହୋଇ ପାରିବ ନାହିଁ ।

ପ୍ରାୟ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗି ମୁଁ ଅବିରାମ ଭାବରେ ଅହିଂସା ଏବଂ ଏହାର ସମ୍ଭାବନାଗୁଡ଼ିକ ବିଷୟରେ ଏକ ବୈଜ୍ଞାନିକ ସୁନିର୍ଦ୍ଦିଷ୍ଟତା ସହିତ ପରୀକ୍ଷା କରି ଆସୁଛି । ମୁଁ ଏହାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ– ପାରିବାରିକ, ଅନୁଷ୍ଠାନଗତ, ଆର୍ଥିକ ଓ ରାଜନୀତିକ ସବୁ କ୍ଷେତ୍ରରେ ପ୍ରୟୋଗ କରି ଦେଖୁଛି । ମୁଁ ଏପରି ଗୋଟିଏ ହେଲେ ଦୃଷ୍ଟାନ୍ତ ପାଇନାହିଁ, ଯେତେବେଳେ କି ତାହା ବିଫଳ ହୋଇଛି । ଯେତେବେଳେ ତାହା ବିଫଳ ହୋଇଥିବା ପରି ପ୍ରତୀତ ହୋଇଛି, ତାହା ମୋ' ନିଜ ଅପୂର୍ଣ୍ଣତାଗୁଡ଼ିକ ହେତୁ ଘଟିଛି ବୋଲି ମୁଁ ହୃଦୟଙ୍ଗମ କରିଛି । ମୁଁ ଆପଣାକୁ ଜଣେ ପରିପୂର୍ଣ୍ଣ ବ୍ୟକ୍ତି ବୋଲି ଆଦୌ ଦାବି କରୁନାହିଁ । ମାତ୍ର, ମୁଁ ସମସ୍ତ ବ୍ୟାକୁଳତା ସହିତ ପରମ ସତ୍ୟର ଯେ ଅନ୍ୱେଷଣ କରୁଛି, ସେକଥା ମୁଁ ଅବଶ୍ୟ ଦାବି କରିବି । ସତ୍ୟକୁ ମୁଁ ଈଶ୍ୱରଙ୍କର ଏକ ଅନ୍ୟ ନାମ ବୋଲି ଜାଣିଛି । ସେହି ଅନ୍ୱେଷଣର ଅବଧି ମଧରେ ହିଁ ମୁଁ ଅହିଂସାକୁ ଆବିଷ୍କାର କରିଛି । ଏହାର ପ୍ରସାରକୁ ମୁଁ ଜୀବନର ବ୍ରତରୂପେ ଗ୍ରହଣ କରିଛି । ସେହି ବ୍ରତକୁ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଜୀବନରେ ମୋ'ର କୌଣସି ଅନ୍ୟ ଆଗ୍ରହ ନାହିଁ । ଅହିଂସାର ଏହି ସଂକ୍ଷିପ୍ତ ଅଥଚ୍ ସିଧା ପଥଟି ଦେଇ ନଗଲେ ଏହି ଯନ୍ତ୍ରଣାପୀଡ଼ିତ ପୃଥିବୀ ଲାଗି ଆଉ କୌଣସି ଆଶା ନାହିଁ । ମୋ' ପରି ଲକ୍ଷ ଲକ୍ଷ ବ୍ୟକ୍ତି ସେମାନଙ୍କର ଜୀବନରେ ଏହି ସତ୍ୟଟିକୁ ପ୍ରମାଣ କରିବାରେ ହୁଏତ ବିଫଳ ହୋଇ ପାରନ୍ତି । ମାତ୍ର ତାହା ସେମାନଙ୍କର ନିଜର ବିଫଳତା ହିଁ ହେବ, ସେହି ଶାଶ୍ୱତ ବିଧାନଟିର ବିଫଳତା କଦାପି ହେବନାହିଁ ।

ଅହିଂସାକୁ ମୁଁ କେବଳ ଏକ ବ୍ୟକ୍ତିଗତ ଗୁଣ ବୋଲି ଆଦୌ ବିଚାରୁ ନାହିଁ । ଏହାକୁ ଏକ ସାମାଜିକ ଗୁଣରୂପେ ଅନ୍ୟ ଗୁଣଗୁଡ଼ିକ ପରି ଅନୁଶୀଳନ କରାଯାଇ ପାରିବ । ଏହା ଅତ୍ୟନ୍ତ ସୁନିଶ୍ଚିତ ଯେ, ଆପଣାର ପାରସ୍ପରିକ ଆଚରଣଗୁଡ଼ିକରେ ସମାଜ ଅନେକ ପରିମାଣରେ ଅହିଂସାର ଅଭିବ୍ୟକ୍ତି ଦ୍ୱାରା ହିଁ ପରିଚାଳିତ ହୋଇଥାଏ । ସେହି ଅଭିବ୍ୟକ୍ତି ଏକ ବୃହତ୍ତର, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରକୁ ମଧ ପ୍ରସାରିତ ହୋଇଯାଉ ବୋଲି ମୁଁ ଇଚ୍ଛା କରୁଛି । ମାଧାକର୍ଷଣ ଶକ୍ତି ଦ୍ୱାରା ପୃଥିବୀ ଯେପରି ତା'ର ସ୍ଥିତିରେ ବିସ୍ଥିତ ହୋଇ ରହିଛି, ସେହିପରି ସମସ୍ତ ସମାଜ ମଧ ଅହିଂସା ଦ୍ୱାରା ଏକତ୍ର ବିଧୃତ ରହିଛି । ମାତ୍ର, ଯେତେବେଳେ ଏହି ମାଧାକର୍ଷଣର ସୂତ୍ରଟି ଆବିଷ୍କୃତ ହେଲା, ସେହି ଆବିଷ୍କାର ଫଳରେ ଏପରି ବହୁତ ଫଳ ମିଳିଲା, ଯେଉଁଗୁଡ଼ିକ ବିଷୟରେ କି ଆମ ପୂର୍ବପୁରୁଷମାନଙ୍କର କୌଣସି ଜ୍ଞାନ ନଥିଲା ଓ ଠିକ୍ ସେହିପରି, ଯେତେବେଳେ ସମାଜ ଇଚ୍ଛାପ୍ରଣୋଦିତଭାବରେ ଅହିଂସାର ବିଧାନ ଅନୁସାରେ ଗଠିତ ହେବ, ସେତେବେଳେ ବର୍ତ୍ତମାନର ତୁଳନାରେ ତାହାର ଗଠନ ଭୌତିକ ବିଶେଷତା ଗୁଡ଼ିକର କ୍ଷେତ୍ରରେ ଅଲଗା ପ୍ରକାରର ହୋଇଯିବ । ମାତ୍ର, ଅହିଂସା ଉପରେ ଆଧାରିତ ସରକାର ପ୍ରକୃତରେ କେଉଁଭଳି ହେବ ସେକଥା ମୁଁ ଆଗରୁ କହି ପାରିବି ନାହିଁ ।

ଆଜି ତ ଯାହାସବୁ ଘଟୁଛି, ତାହା ଅହିଂସାର ବିଧାନଟିକୁ ଅସ୍ୱୀକାର କରି ଘଟୁଛି ଏବଂ ହିଂସାକୁ ସତେଅବା ଏକ ଚିରନ୍ତନ ନିୟମ ପରି ସିଂହାସନରେ ବସାଇ ରଖାଯାଇଛି । ଅହିଂସା ଉପରେ ଆଧାରିତ ଏକ ସମାଜରେ କେବଳ ଗ୍ରାମମାନଙ୍କରେ ସ୍ଥାୟୀ ହୋଇ ବାସ କରୁଥିବା ଗୋଷ୍ଠୀଗୁଡ଼ିକ ରହିବେ ଏବଂ ସ୍ୱେଚ୍ଛାପ୍ରବୃତ୍ତ ସହଯୋଗ ହିଁ ସମ୍ମାନଜନକ ଓ ଶାନ୍ତମୟ ଜୀବନର ସର୍ତ୍ତ ହୋଇ ରହିଥିବ ।

## ଷ୍ଟ୍ରୋକ୍ ଆଶଙ୍କା ଦୂର କରେ ମହୁ



ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ । ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ । ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି । ଏହାର ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ । ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ । ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଶରୀରରେ ରକ୍ତ ସଂଚାଳନକୁ ସକ୍ରିୟ ରଖୁଥାଏ । ଫଳରେ ହାର୍ଟ-ଆଟାକ୍, ଷ୍ଟ୍ରୋକ୍ ଓ କ୍ୟାନ୍ସର ଭଳି ଭୟଙ୍କର ରୋଗରୁ ଏହା ଆମକୁ ରକ୍ଷା କରିଥାଏ । ଉଚ୍ଚ ରକ୍ତଚାପ ବ୍ୟତୀତ ଶରୀରରେ ଶର୍କରାର ପରିମାଣକୁ ମଧ ସନ୍ତୁଳିତ ରଖେ । ସାଧାରଣତଃ ଡାଇବେଟିସ ଥିବା ଲୋକମାନଙ୍କୁ ମିଠା ଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ । କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ । ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର । ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ । ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ । ସେମାନଙ୍କ ପାଇଁ ଏହା ବରଦାନ ସଦୃଶ । ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ । ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା । ଏହା ଆମ ମସ୍ତିଷ୍କକୁ ତୀକ୍ଷ୍ଣ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।



# ସ୍ୱର୍ବେଦ


**ନବମ ଅଧ୍ୟାୟ**

**କାମୀ କାମିନି ବସ ରହେ, କାମିନି କାମୀ ଧ୍ୟାନ ।**
**ନିଶିଦିନ ୱହ ଚିନ୍ତନ କରେ, ସୁଧି ବୁଧି ବିସରା ଜ୍ଞାନ ॥୦୧॥**

ଭାଷ୍ୟ - କାମାତୁର, ବିଷୟାଦିରେ ଲିପ୍ତ ଜନ ସର୍ବଦା ବିଷୟ ଚେଷ୍ଟାରେ ରତ ରହିବା କାରଣରୁ କାମିନୀ କାଞ୍ଚନର ବଶୀଭୂତ ହୋଇ ରହିଥାନ୍ତି । ଅନ୍ୟ ପକ୍ଷରେ କାମାସକ୍ତା ନାରୀ ସର୍ବଦା ନିଜ କାମୀ ପୁରୁଷକୁ ଧ୍ୟାନ କରିଚାଲେ । ଉଭୟ ବିଷୟ ପ୍ରଲୋଭୀ ନର ନାରୀ ନିଶିଦିନ ବିଷୟ-ଚିନ୍ତନରେ ଲାଗି ରହନ୍ତି ଓ ତାକୁ ଭୋଗ କରିବା ଲାଳସାରେ ନିଜର ସମସ୍ତ ସୁଧି, ବୁଦ୍ଧି ଏବଂ ବିବେକକୁ ବିସ୍ମରି ଯାଆନ୍ତି । ସେମାନେ ନିଜର ଯଥାର୍ଥ କର୍ତ୍ତବ୍ୟରୁ ବିଚ୍ୟୁତ ହେବା କାରଣରୁ ଧର୍ମାଚରଣ ବିରୋଧି ହୋଇ ମନୁଷ୍ୟତ୍ୱରୁ ପତିତ ହୁଅନ୍ତି ।

**କାମ ଅଗିନ କେ ଉଦୟ ମେଁ, ଅନ୍ତର ଘଟ ଅଁଧିୟାର ।**
**ବୁଦ୍ଧି ବିଦ୍ୟା ସାରୀ ଗୟୀ, ତନ ମଣି ଜିୱନ ସଂହାର ॥୦୨॥**

ଭାଷ୍ୟ - କାମନା ଅଗ୍ନି ଜାତହେବା ଫଳରେ ଅନ୍ତର ଶରୀରରେ ଅନ୍ଧକାର ଘୋଟିଯାଏ । ଭଲ ମନ୍ଦର ଭାବ କାମୀ ପୁରୁଷ ପାଖରେ ରହେ ନାହିଁ । ସେ ଅବିବେକ ସାଗରରେ ବୁଡ଼ିଯାଇ ମହା ଅନର୍ଥ କରିବସେ ଓ ତାହାର ବିଷୟୀ ଇଚ୍ଛା ଏତେ ପ୍ରବଳ ହୋଇଯାଏ ଯେ ତାହାରି ପ୍ରଭାବରେ ସମସ୍ତ ବୁଦ୍ଧି ଏବଂ ବିଦ୍ୟା ସବୁ ନଷ୍ଟ ହୋଇଯାଏ । ଯାହା ଫଳରେ ସେ ନିଜକୁ ସମ୍ଭାଳି ନ ପାରି ଉଚିତ ଅନୁଚିତର ଧ୍ୟାନ ନ ରଖି




ନିଜର ସର୍ବସ୍ୱ ନଷ୍ଟକରି ବିଷୟାଦି କାମନା ପୂରଣରେ ଲିପ୍ତ ହୋଇଯାଏ ।

**କାମୀ ନିଶିଦିନ ୱିଷ ପିୟେ, ଅମୃତ ମିଲେ ନ ତାହି ।**
**ପ୍ରଭୁ ସେ ମୁଖ ଉଲଟା ରହେ, ୱିଷୟ ତ୍ରିଜଗମ ଦୁଖ ମାହିଁ ॥୦୩॥**

ଭାଷ୍ୟ - କାମନାସକ୍ତ ପୁରୁଷ ନିଶିଦିନ ବିଷୟ ଭୋଗରୂପୀ ବିଷର ଆହାର କରିଥାଏ । ତାକୁ ଅମୃତ କେବେ ପ୍ରାପ୍ତ ହୁଏ ନାହିଁ କାହିଁକି ନା ସେ କଦାପି ପ୍ରଭୁଙ୍କ ଆଡ଼କୁ ଦେଖେ ନାହିଁ । ତେଣୁ ସେହି ବିଷୟ ଇଚ୍ଛୁକ କାମାନ୍ଧ ପୁରୁଷ ମନୁଷ୍ୟ ଯୋନିରେ ପତିତ ହୋଇ ବିଷୟ ଚେଷ୍ଟା କାରଣରୁ ତୀର୍ଯ୍ୟକ୍ ଚୌରାଶୀ ଲକ୍ଷ ଯୋନିକୁ ପ୍ରାପ୍ତ ହୋଇ ଅତ୍ୟନ୍ତ ଦୁଃଖ ଏବଂ ଯାତନା ଭୋଗକରେ ।

**କାମୀ ମେଁ ଦୁର୍ଗୁଣ ବସେ, ସଦ୍‌ଗୁଣ ଆୱେ ନାହିଁ ।**
**ଅଧିକାରୀ ନହିଁ ଭକ୍ତି କା, ଜନ୍ମ ମରଣ ଦୁଖ ପାହିଁ ॥୦୪॥**

ଭାଷ୍ୟ - କାମନାସକ୍ତ ପୁରୁଷ ଅଥବା ନାରୀ ଦୁର୍ଗୁଣ କାରଣରୁ ସଦ୍‌ଗୁଣକୁ ଗ୍ରହଣ କରିପାରେ ନାହିଁ । ତା' ଭିତରେ ସଦ୍‌ଗୁଣ ଆସିପାରେ ନାହିଁ, ତେଣୁ ସେ ଭକ୍ତିର ଅଧିକାରୀ ହୋଇପାରେ ନାହିଁ । ସେ ନିଜର ଭୋଗ ବାସନା ଅନୁସାରେ ଭିନ୍ନ ପ୍ରବୃତ୍ତି କାରଣରୁ ସର୍ବଦା ପତିତ ହେବାରେ ଲାଗେ ଏବଂ ବାରମ୍ବାର ଜନ୍ମ ମରଣ ଚକ୍ରରେ ପଡ଼ି ଅତ୍ୟନ୍ତ କଷ୍ଟ ଏବଂ ଯାତନା ଭୋଗକରେ । ଅତଏବ ଶୁଦ୍ଧ ଏବଂ ବାସ୍ତବ ଭକ୍ତ କାମ ବାସନାକୁ ତ୍ୟାଗ କରି ବିଷୟମାନଙ୍କରୁ ବୈରାଗ୍ୟ ନେଇ ସନ୍ଥମାନଙ୍କର ସେବା ଆଉ ସତ୍ସଙ୍ଗରୁ ଚରିତ୍ରକୁ ସୁଧାରି ଭକ୍ତିର ସତ୍ ମାର୍ଗରେ ଅଗ୍ରସର ହେବା ନିମନ୍ତେ ପ୍ରଯତ୍ନ କରିବା ଉଚିତ ।

**କାମ କାମନା ସକଲ ଜୋ, କାମୀ କାମିନି ଜାନ ।**
**ମନମଥ ମନ କୀ କଲ୍ପନା, କାମ ରୂପ ୟହ ମାନ ॥୦୫॥**

ଭାଷ୍ୟ - ସମସ୍ତ ପଦାର୍ଥକୁ ଭୋଗ କରିବାର ଇଚ୍ଛାକୁ କାମ କୁହାଯାଏ । ସମସ୍ତ ନରନାରୀ, କାମୀ କାମିନୀ ଏ ସମସ୍ତ ବିଷୟରେ ବୁଡ଼ି ରହିଛନ୍ତି । ମନର ସମସ୍ତ କଳ୍ପନା, କାମଶକ୍ତି, କାମ ରୂପ ଅଟନ୍ତି ଅର୍ଥାତ୍ ମନର ସମସ୍ତ ବିଷୟ ପ୍ରପଞ୍ଚ କାର୍ଯ୍ୟ ଅଟେ ।

**କ୍ରୋଧ ପିତ୍ତ ଘଟ ମେଁ ଜଗେ, ଧଧକେ ଅଗିନ ପ୍ରଚଣ୍ଡ ।**
**ବୁଦ୍ଧି ୱିୱେକ ୱିନାଶ କା, ଧର୍ମ କରେ ବହୁ ଖଣ୍ଡ ॥୦୬॥**

ଭାଷ୍ୟ - କାମରୁ ପ୍ରକଟ ହୁଏ କ୍ରୋଧ । ଯେତେବେଳେ କାମୀ ପ୍ରବୃତ୍ତି ପ୍ରଶମିତ ହୋଇପାରେ ନାହିଁ, ସେତେବେଳେ ସେହି କାମାସକ୍ତ ପୁରୁଷକୁ ଅତ୍ୟନ୍ତ କ୍ରୋଧ ଆସିଥାଏ । ସେହି କାମାନ୍ଧ ପୁରୁଷ ହୃଦୟରେ କ୍ରୋଧର ଅଗ୍ନି ସର୍ବଦା ଜଳୁଥାଏ ଯାହା ଫଳରେ ତା'ର ବିବେକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ଓ ଧର୍ମ ନାଶହୁଏ । କାମାସକ୍ତ ପୁରୁଷ ଉପରେ ଆବରଣ ଆସିଯିବା ଫଳରେ ତାକୁ ଉଚିତ ଧର୍ମର ଜ୍ଞାନ ରହେନାହିଁ । ସେ କାମର ବଶୀଭୂତ ହୋଇ ଅନୁଚିତ ବ୍ୟବହାର ଦ୍ୱାରା ନିଜ ଜୀବନର ସର୍ବସ୍ୱ ବିନାଶ କରିଦିଏ ।

**କ୍ରୋଧ କୁବୁଦ୍ଧି କୁଚାଲ ମେଁ, ବିଗରେ କାମ ଅନେକ ।**
**ଆଗେ ପୀଛେ ନହିଁ ସୁଝେ, କ୍ରୋଧ ଦ୍ୱେଷ ଘର ଟେକ ॥୦୭॥**

ଭାଷ୍ୟ - କ୍ରୋଧରୁ ଜାତ ମନ୍ଦ ଆଚରଣ ଅନେକ ଭଲ କାର୍ଯ୍ୟକୁ ମଧ୍ୟ ବିଗାଡ଼ି ଦିଏ ଯାହା ଫଳରେ କାମୀ ପୁରୁଷ ଆଗପଛ ଭଲ ମନ୍ଦ କିଛି ବିଚାର କରିପାରେ ନାହିଁ । ସେ ନିଜର କ୍ରୋଧାଗ୍ନିରେ ଜଳି ଜଳି କ୍ରୋଧ ଆଉ ଦ୍ୱେଷର ବଶୀଭୂତ ହୋଇ ନିଜର ବୃଥା ଅଭିମାନରେ ଅଟଳ ରହିଥାଏ । ଏହା କାମରୁ ଉତ୍ପନ୍ନ କ୍ରୋଧର ଲକ୍ଷଣ ଅଟେ, ଯାହା ରାଗରୁ ଉତ୍ପନ୍ନ ହୋଇଥାଏ ଆଉ ସେଥିରେ ବିଘ୍ନ ହେଲେ ଦ୍ୱେଷ ଅର୍ଥାତ୍ କ୍ରୋଧ ପ୍ରକଟ ହୋଇଥାଏ । କାମ ଆଉ କ୍ରୋଧ - ଏ ଦୁଇଟି ଜୀବମାନଙ୍କର ପତନର କାରଣ ଅଟନ୍ତି ।

**କ୍ରୋଧ ସେ ତନ ଧନ ନାଶ ହୈ, କ୍ରୋଧ ସେ ବଢ଼ତ ଅଶାନ୍ତି ।**
**କ୍ରୋଧ ସେ ସୁଖ ଗୁଣ ନାଶ ହୈ, ହୋୟ ଜିୱନ ଜଗ କ୍ରାନ୍ତି ॥୦୮॥**

ଭାଷ୍ୟ - କ୍ରୋଧ ଯୋଗୁଁ ଶରୀର ଓ ଧନ ଉଭୟର ନାଶ ହୋଇଥାଏ । କ୍ରୋଧରେ ବୁଦ୍ଧି ଠିକ୍ ଭାବରେ କାର୍ଯ୍ୟ କରେନାହିଁ । ସେଥିପାଇଁ ଜୀବନରେ ଅଶାନ୍ତି ବୃଦ୍ଧିପାଏ । ଏହା ଦ୍ୱାରା ସଂସାରର ସୁଖ ଆଉ ଗୁଣର ନାଶ ହୋଇଯାଏ । ସାଂସାରିକ ଜୀବନରେ ବିଦ୍ରୋହ ଏବଂ ଅଶାନ୍ତି ଦେଖାଦିଏ, ଯାହା ଫଳରେ ଜୀବର ଅଧୋପତନ ହୋଇଯାଏ ।

# ଟମାଟୋ ବଢ଼ାଏ ଦୃଷ୍ଟିଶକ୍ତି



**ସ୍ୱାସ୍ଥ୍ୟ** ଠିକ୍ ରଖିବା ପାଇଁ ଆମେ ନିୟମିତ ରୂପରେ ଫଳ ଓ ପନିପରିବା ଖାଇଥାଉ । ବିଭିନ୍ନ ଫଳ ଓ ପନିପରିବାରୁ ଅଲଗା ଅଲଗା ଲାଭ ମିଳିଥାଏ । କିଛି ଆମ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ତ ଆଉ କିଛି ହୃଦୟକୁ ସୁସ୍ଥ ରଖିଥାଏ । ଏହି ଫଳ ଓ ପନିପରିବା ମଧ୍ୟରେ ଏକ ପରିବା ହେଉଛି ଟମାଟୋ ଯାହା ୫ ପ୍ରକାର କ୍ୟାନସରରୁ ଆମକୁ ସୁରକ୍ଷା ଦେଇଥାଏ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଟମାଟୋ ବହୁତ ଲାଭଦାୟକ ହୋଇଥାଏ । ଟମାଟୋରେ ଭିଟାମିନ୍ ଏ' ରହିଛି ଯାହା ବିଭିନ୍ନ ପ୍ରକାର ଆଖି ରୋଗରୁ ଆମକୁ ସୁରକ୍ଷା ଦେଇଥାଏ । ଟମାଟୋରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ସୃଷ୍ଟି ହେବାକୁ ଦେଇ ନ ଥାଏ । ଫଳରେ ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ । ଆଜିକାଲି ହୃଦରୋଗ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଡାଇବେଟିସ୍ ରୋଗୀଙ୍କୁ ତ ଏହି ରୋଗରେ ଆଶଙ୍କା ସର୍ବାଧିକ ରହିଥାଏ । ଟମାଟୋରେ ଲାଇକୋପିନ୍ ରହିଛି ଯାହା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଟମାଟୋ ଫୁସଫୁସ୍ କ୍ୟାନସର, ପ୍ରୋଷ୍ଟେଟ କ୍ୟାନସର, ଅସ୍ଥି କର୍କଟ, ଓଭାରିଆନ୍ କ୍ୟାନସରରୁ ବ୍ୟକ୍ତିକୁ ସୁରକ୍ଷା ଦେଇଥାଏ । ଟମାଟୋରେ ଥିବା ଲାଇକୋପିନ୍ କ୍ୟାନସର ବିରୁଦ୍ଧରେ ଲଢ଼େଇ କରିଥାଏ । ଲାଇକୋପିନ୍‌ର ହାଇ ଇନଟେକ୍ କ୍ୟାନସରରୁ ସୁରକ୍ଷା ଦେଇଥାଏ ।

# ଟିକିଏ ହସନ୍ତୁ

ସ୍କୁଲରେ ପିଲାଙ୍କୁ ବ୍ୟାୟାମ ଶିଖା ଯାଉଥାଏ ।

ବ୍ୟାୟାମ ଶିକ୍ଷକ ପିଲାଙ୍କୁ: ପିଲେ ତଳେ ଶୋଇ ରହି ଗୋଡ ଦୁଇଟିକୁ ଉପରକୁ ଟେକ । ତାପରେ ତାକୁ ସାଇକେଲର ପେଡାଲ ମାରିବା ଭଳି ଗୋଡ ବୁଲାଅ ।

ସବୁ ପିଲା ସେହିଭଳି କଲେ । ହେଲେ ଗୋଟିଏ ପିଲା ସେମିତି ନ କରି ଗୋଡ ଦୁଇଟିକୁ ଖାଲି ଟେକି ରଖିଥାଏ । ଏହା ଦେଖି ଶିକ୍ଷକ: କ'ଣ କିରେ ପେଡାଲ ମାରୁନୁ ?

ପିଲାଟି: ସାର୍, ମୋର ଏବେ ଗଡାଣି ପଡିଛି ପରା ।

× × × × ×

ମ୍ୟାନେଜର୍ ଚାକିରି ପାଇଁ ନିବେଦନ କରିଥିବା ପ୍ରାର୍ଥୀଙ୍କୁ : ତମେ ଏମିତି ଏକ ଇଂରାଜୀ ଶବ୍ଦ କହିପାରିବ ଯେଉଁଥିରେ ୧୦୦ରୁ ଉର୍ଦ୍ଧ୍ୱ ଲେଟର୍ ଥିବ ।

ପ୍ରାର୍ଥୀ: ହଁ ନିଶ୍ଚୟ ।

ମ୍ୟାନେଜର: କହିଲ ଦେଖି ।

ପ୍ରାର୍ଥୀ: ପୋଷ୍ଟ ବକ୍ସ ।

× × × ×



ରାଜେଶ ଗଲାବେଳେ ରାସ୍ତାରେ ଏକ ଗଧ ସାମନାରେ ଝୁଣ୍ଟି ପଡ଼ିଗଲା ।

ତାହା ଦେଖି ଶର୍ମିଳା: କ'ଣ ନିଜ ବଡ଼ ଭାଇଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଛ ?

ରାଜେଶ ହସି ହସି: ହଁ, ଭାଉଜ ।

× × × × ×

ନାସା ମିଣ୍ଟୁକୁ ଚନ୍ଦ୍ରପୃଷ୍ଠକୁ ପଠାଇଲା । କିନ୍ତୁ ଅଧା ରାସ୍ତାରୁ ମିଣ୍ଟୁ ଫେରିଆସିଲା ।

ନାସା: ଆରେ ମିଣ୍ଟୁ ତୁମେ କ'ଣ ଫେରିଆସିଲ ?

ମିଣ୍ଟୁ ମୋତେ ବାଟରେ ମନେପଡ଼ିଲା ଆଜି ତ ଆମାବାସ୍ୟା, ଚନ୍ଦ୍ର ତ ତାଙ୍କ ଜାଗାରେ ନ ଥିବେ । ତେଣୁ ସେଠାକୁ ଯାଇ କରିବି କ'ଣ ?

× × × × ×

ମିକୁ : ଏବେ ଡାକ୍ତରବାବୁ ଅପରେଶନ କରିବା ସମୟରେ ପେସେଣ୍ଟଙ୍କୁ ବେହୋସ କାହିଁକି କରି ଦେଉଛନ୍ତି ?

ଚିକୁ : କାଳେ ଡାକ୍ତର ଅପରେଶନ କରିବା ସମୟରେ ଯଦି ପେସେଣ୍ଟ ଅପରେଶନ ଦେଖିଦେଲା, ତେବେ ତ ଡାକ୍ତରଙ୍କ ବେପାର ଘାଟା ହୋଇଯିବ ।

× × × ×

ରୀତା ନୂଆ କରି ବହି ପଢ଼ି ରୋଷେଇ କରୁଥିଲା । ସେ ରୋଷେଇ କରୁଥିବା ରେସିପିରେ ଲେଖାଥିଲା 'ସବୁ ପନିପରିବା କାଟିବା ପରେ ତାକୁ ଏକଘଣ୍ଟା ଫ୍ରିଜରେ ରଖିଦିଅନ୍ତୁ' । ରୀତାର ମା' ଯେତେବେଳେ ଫ୍ରିଜ୍ ଖୋଲି ଦେଖିଲେ ପନିପରିବା ଭିତରେ ଗୋଟେ ଘଣ୍ଟା ଥୁଆ ହୋଇଛି । ଏହା ଦେଖିଲା ପରେ ରୀତାକୁ ତା' ମା'ପଚାରିଲେ ଆରେ ପନିପରିବା ଭିତରେ ଘଣ୍ଟା କ'ଣ ଥୁଆ ହୋଇଛି ?

ରୀତା: ମା'ମୁଁ ଗୋଟେ ରେସିପି ଦେଖିଥିଲି ସେଥିରେ ଲେଖା ହୋଇଥୁଲା ପନିପରିବାକୁ ଏକ ଘଣ୍ଟା ଫ୍ରିଜ୍‌ରେ ରଖିବା ଲାଗି । ସେଥିପାଇଁ ମୁଁ ପନିପରିବା ସହ ଗୋଟିଏ ଘଣ୍ଟା ମଧ ଫ୍ରିଜରେ ରଖି ଦେଇଥିଲି ।

# ରଜ ପର୍ବ ଏକ ସ୍ୱତନ୍ତ୍ର କୃଷି ଭିତ୍ତିକ ପର୍ବ ସହିତ ଆମୋଦ ପ୍ରମୋଦର ପର୍ବ ମଧ୍ୟ

**ପ୍ରଦୀପ୍ତ କୁମାର କର**

ଆମ ଦେଶ ଭାରତ ଏକ କୃଷି ପ୍ରଧାନ ଦେଶ । ମାଟି ମା ଚାଷ ଦ୍ୱାରା ଅନେକ ଫସଲ ଆମ ହାତରେ ଅଜାଡ଼ି ଦିଏ । ମାଆ ଯେପରି ପ୍ରଜନନ ପୂର୍ବରୁ କିଛି ବିଶ୍ରାମ ଦରକାର କରେ ଠିକ୍ ସେହିପରି ଆମ ଓଡ଼ିଶାରେ ରଜ ପର୍ବ ପାଳନ ମାଧମରେ ମାଟି ମା ପ୍ରଜନନକ୍ଷମ ହୋଇ ତିନି ଦିନ ବିଶ୍ରାମ କରିଥାଏ । ଏହି ପର୍ବକୁ ରଜ କହିବାର ତାତ୍ପର୍ଯ୍ୟ ହେଲା ପୃଥିବୀ ମା ଏହି ତିନିଦିନ ରଜସ୍ୱଳା ହୁଏ ଓ ଏହି ତିନିଦିନ ପୃଥିବୀ ପୃଷ୍ଠରେ କୌଣସି ପ୍ରକାରର କୃଷି କର୍ମ କରାଯାଏ ନାହି ବିଶେଷ କରି ହଳ ପ୍ରଭୃତି କରାଯାଏ ନାହିଁ । ରଜ ପର୍ବର ପ୍ରଥମ ଦିନକୁ ପହିଲି ରଜ କୁହାଯାଏ । ତାର ତିନି ଚାରି ଦିନ ଆଗରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ରଜର ପ୍ରଥମ ଦିନରୁ ହିଁ ଲୋକ ମାନେ ଏହାର ମଜା ନେବାକୁ ପୁରା ଭାବରେ ନିଜକୁ ସେହି ପର୍ବ ଭିତରେ ହିଁ ହଜାଇ ଦିଅନ୍ତି । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ହିଁ ଶେଷ ରଜ ପାଳନ ହୁଏ । ରଜରେ କୁମାରୀ କନ୍ୟା ମାନେ ଏହି ପର୍ବର ମଉଜ ଭିତରେ ଜଣେ ନାରୀର ଚଳନି ଓ ଆଚାସଂହିତାକୁ ବିଧିବଦ୍ଧ ଭାବରେ ପାଳନ କରନ୍ତି ଏବଂ ଭବିଷ୍ୟତ୍‌ରେ ଝିଅ ଟି ଯେତେବେଳେ ନାରୀ ଭୂମିକା ରେ ଅବତୀର୍ଣ୍ଣ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସହାୟ ହୁଏ । ରଜର ତୃତୀୟ ଦିନ ହେଉଛି ଭୂଇଁ ଦହନ,ବା ଭୂମି ଦହନ ବା ଭୂଇଁ ନହନ କୁହାଯାଏ । ରଜର ଚତୁର୍ଥ ଦିନରେ ବସୁମତୀ ସ୍ନାନ କୁହାଯାଏ । ଯେପରି ରଜସ୍ୱଳା ସ୍ତ୍ରୀ ଲୋକ ଟି ତିନିଦିନ ନିଜର ମାସିକ ଧର୍ମ ପାଳନ କରି ଚତୁର୍ଥ ଦିନ ପବିତ୍ର ସ୍ନାନ କରନ୍ତି ଠିକ୍ ସେହିପରି ଆମ ପୃଥିବୀ କୁ ମା ବା ଏକ ସ୍ତ୍ରୀ ର କଳ୍ପନା କରାଯାଇଛି । ପ୍ରକାରାନ୍ତରେ ଏହି ଚାଷର ଆଗମନକୁ ବୁଝାଇଥାଏ । ବର୍ଷାର ଆଗମନରେ ଯେଉଁ ରଜ ପର୍ବର ପାଳନ ହୁଏ ଏହା ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ । ଏହି ପର୍ବ ପାଳନ ଅବସରରେ ପ୍ରତି ଘରେ ଘରେ ପୋଡ ପିଠା,ଚକୁଳି ପିଠା, ମଣ୍ଡା ପିଠା, କାକରା ପିଠା ପ୍ରଭୃତି ପ୍ରସ୍ତୁତ ହୁଏ । ଏହି ରଜ ପର୍ବରେ ଅନେକ ଜାଗାରେ ଧରଣୀ ମାତାକୁ ସମ୍ମାନ ଜଣାଇ ହଳ ବା ଅନ୍ୟ କିଛି ଖନନ ବାରଣ କରାଯାଇଥାଏ । ଏହି ତିନିଦିନ କୁମାରୀ କନ୍ୟା ମାନେ ମାଟିରେ ଚାଲନ୍ତି ନାହିଁ ।ପୁରାତନ କାଳରେ ଚପଲ ନ ଥିବା ବେଳେ ଗୁଆ ଗଛର ବାହୁଙ୍ଗି କୁ ରଶି ବାନ୍ଧି ଚପଲ ସଦୃଶ୍ୟ ପିନ୍ଧୁଥିଲେ । ରଜର ଚତୁର୍ଥ ଦିନରେ ସ୍ତ୍ରୀ ଲୋକ ମାନେ ସକାଳୁ ଉଠି ଶିଳପୁଆକୁ ଧୋଇ ସେଥିରେ ହଳଦୀ, ସିନ୍ଦୂର, କଜଳ ଲଗାଇ ନାଲି ଛିଟ କନା ଗୁଡ଼ାଇ ଏହାକୁ ଧରଣୀ ମାତା ବୋଲି ଭାବି ପବିତ୍ର ସ୍ନାନ କରାନ୍ତି । ମାସିକ ଧର୍ମର ନିୟମ ଅନୁସାରେ ତିନି ଦିନ ବିଶ୍ରାମ ପରେ ଧରଣୀ ମାତା ଏହି ଚତୁର୍ଥ ଦିନରେ ସ୍ନାନ କରନ୍ତି । ରଜରେ ପାନ ପତ୍ର ରେ ବିଭିନ୍ନ ପ୍ରକାରର ମସଲା ଦେଇ ଖିଆଯାଏ । ଖାଇବା ପରେ ସାଧାରଣ ଲୋକ ଯେପରି ପାନ ଖାଆନ୍ତି ଠିକ୍ ସେହିପରି ଆମ ଠାକୁର ଜଗା, ବଳିଆ ଓ ମା ସୁଭଦ୍ରା ମଧ ଖାଇବା ପରେ ପାନ ଖାଆନ୍ତି । ଏହା ଏକ ଓଡ଼ିଶାର ସ୍ୱାଭିମାନ ।ସେ ଯାହା ହେଉ ଆମ ଦେଶରେ ବିଭିନ୍ନ ପର୍ବ ପାଳନ ଅବସରରେ ପ୍ରତି ଲୋକ ଓ ବିଭିନ୍ନ ଧର୍ମର ଲୋକ ମାନଙ୍କ ମଧରେ ଏକ ସୁନ୍ଦର୍ ଭାଇଚାରାର ସୃଷ୍ଟି ହୁଏ । ପ୍ରତି ପର୍ବର ଏକ ସ୍ୱତନ୍ତ୍ର ପରିଚୟ ଅଛି । ଅନେକ ଧର୍ମ ଜାତି ନିର୍ବିଶେଷରେ ଆମ ଦେଶ ସାରା ପୃଥିବୀରେ ପୁରା ଅନନ୍ୟ । ପ୍ରାୟ ସମସ୍ତେ ନିଜ ଭିତରେ ଭାଇଚାରା କୁ କେବେ ବି ଭୁଲନ୍ତି ନାହିଁ ଓ ନିଜକୁ ଅନ୍ୟ ଭିତରେ ସମର୍ପଣ କରି ଜୀବନ ଅତିବାହିତ କରନ୍ତି ଏହି ହିଁ ଆମ ଦେଶର ମହାନତା ।

**ସୂର୍ଯ୍ୟ ନଗର, ଭୁବନେଶ୍ୱର**

## ଗୋଲମରିଚର ଉପକାରିତା

ବ୍ଲଡପ୍ରେସର ବା ରକ୍ତଚାପ ଅଚାନକ ବଢ଼ିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । ଏପରି ସ୍ଥିତିରେ ତୁରନ୍ତ ରକ୍ତଚାପ ନିୟନ୍ତ୍ରଣ କରିବା ଆବଶ୍ୟକ । ଏଥିପାଇଁ ଘରୋଇ ଉପଚାର ଆପଣାଇ ଜରୁରୀ ଯାହାଦ୍ୱାରା ତୁରନ୍ତ ଆରାମ ମିଳିବ ।

ଆୟୁର୍ବେଦିକ ଚିକିତ୍ସକଙ୍କ ମତରେ ଅଚାନକ ବ୍ଲଡ ପ୍ରେସର ବଢ଼ିଲେ ଅଧା ଗ୍ଲାସ ପାଣିରେ ଗୋଲମରିଚ ପାଉଡର ପକାଇ ସେବନ କରନ୍ତୁ । ଏତଦ୍‌ବ୍ୟତୀତ ନିୟମିତ ଗୋଲମରିଚ ଖାଇବା ଉଚିତ । ଏହାଦ୍ୱାରା ଖାଦ୍ୟର ସ୍ୱାଦ ବଢ଼ିବା ସହ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏହାକୁ ପନିପରିବାରେ ପକାଇ ନିୟମିତ ଖାଇ ପାରିବେ । ଗୋଲମରିଚ ପାଚନ ପ୍ରକ୍ରିୟାକୁ ମଜଭୁତ କରିବା ସହ ମ୍ୟାଲେରିଆ ପାଇଁ ମଧ ବହୁ ଉପକାରୀ । ନିୟମିତ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢ଼ିବା ସହ ଦାନ୍ତବିନ୍ଧାରୁ ତୁରନ୍ତ ଆରାମ ଦେଇଥାଏ ।

ବିଶେଷକରି ଥଣ୍ଡା ଦିନେ ଅଧିକ ଗୋଲମରିଚ ବ୍ୟବହାର କରାଯାଏ । ଏହା କାଶ ଓ ଥଣ୍ଡାରୁ ଆରାମ ଦେଇଥାଏ । ପେଟ ରୋଗ ଦୂର କରିବାରେ ମଧ ସାହାଯ୍ୟ କରେ । ଭୋକ ନ ଲାଗିବା, ଆଣ୍ଠୁଗଣ୍ଠି ଦରଜ ଓ ବଦହଜମି ଭଳି ସମସ୍ୟା ଥିଲେ ନିୟମିତ ଗୋଲମରିଚ ବ୍ୟବହାର କରିବା ଉଚିତ ।

ଗୋଲମରିଚରେ ଅନେକ ଭିଟାମିନ୍ ରହିଛି ଯାହା କ୍ୟାନସର ଭଳି ଭୟଙ୍କର



ରୋଗରୁ ମୁକ୍ତି ଦେଇଥାଏ । ଏଥିରେ ଭିଟାମିନ୍ ଏ, ସି, ଫ୍ଲୋବୋନାଇଡସ୍, ଆଣ୍ଟିଅକ୍ସିଡାଣ୍ଟ, କ୍ୟାଲସିୟମ, ଆଇରନ, ଫସଫରସ, କେରାଟିନ୍ ଓ ପୌଷ୍ଟିକ ତତ୍ତ୍ୱର ମାତ୍ରା ରହିଛି ।

ପେଟରେ ଜୀବାଣୁ ହେଲେ ବଟରମିଲ୍କରେ ଅଳ୍ପ ଗୋଲମରିଚ ପକାଇ ପିଅନ୍ତୁ ।

ରାତିରେ କିସମିସ୍ ସହ ଗୋଲମରିଚ ଖାଇଲେ ଜୀବାଣୁ ଜରରୁ ମରିଯାଏ ।

ଗ୍ୟାସଟିକ୍ ସମସ୍ୟାରୁ ଆରାମ ପାଇବା ପାଇଁ କଟା ଲେମ୍ବୁରେ କଳା ଲୁଣ ସହ ଗୋଲମରିଚ ପାଉଡର ମିଶାଇ ଏହାର ରସକୁ ପିଅନ୍ତୁ । ପ୍ରତିଦିନ ଏକ ଚାମଚ ଘିଅରେ ୮ ଟି ଗୋଲମରିଚ ଓ ଅଳ୍ପ ଚିନି ପକାଇ ମିଶାନ୍ତୁ । ଏହାଦ୍ୱାରା ସ୍ମରଣ ଶକ୍ତି ବଢ଼ିଥାଏ ।

ଅଧା ଚାମଚ ଘିଅରେ ଅଳ୍ପ ଗୋଲମରିଚ ପାଉଡର ମିଶାଇ ଖାଇବା ଦ୍ୱାରା କାଶ କମ୍ ହୋଇଥାଏ ।

## ଡାଇବେଟିସ୍ ଲାଗି ତେନ୍ତୁଳି ପତ୍ର

ଆମ ଦେଶରେ ଲୋକମାନେ ଯେତିକି ବିଶ୍ୱାସ ଡାକ୍ତରଙ୍କ ଉପରେ କରିଥାନ୍ତି ସେତିକି ବିଶ୍ୱାସ ଘରୋଇ ଉପଚାର ଉପରେ ମଧ କରିଥାନ୍ତି । ଆଜିବି ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ଘରେ ହିଁ ସମାଧାନ ହୋଇ ପାରୁଛି । ଡାକ୍ତରଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ଡେରି ହେଲେ ଆଜିବି ରୋଗୀକୁ ଘରୋଇ ଉପଚାରରେ ପ୍ରଥମେ ଚିକିତ୍ସା କରାଯାଉଛି । ଏହି କ୍ରମରେ ତେନ୍ତୁଳି ପତ୍ରର କେତେକ ଔଷଧୀୟ ଗୁଣ ରହିଛି ଯାହା ସଂକ୍ରମଣ, ଫୁଲା, ବିନ୍ଧା ଓ ଘା' ଇତ୍ୟାଦି ଭଲ କରିବାରେ ସହାୟକ ହୋଇଥାଏ ।

ତେନ୍ତୁଳି ପତ୍ରରେ ଅର୍କ ପ୍ରସ୍ତୁତ କରି ଲଗାଇବା ଦ୍ୱାରା ଯୌନାଙ୍ଗ ସଂକ୍ରମଣ ଭଲ ହୋଇଥାଏ ।

ତେନ୍ତୁଳି ପତ୍ରରେ ଭିଟାମିନ୍ ସି' ରହିଛି ଯାହା କୌଣସି ସୂକ୍ଷ୍ମଜୀବୀ ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ଫଳରେ ଶରୀର ସୁସ୍ଥ ରହିଥାଏ । ଏହି ଅର୍କକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଲୁଣ ଓ ପାଣି ଏଥିରେ ମିଶାଇ ପାରିବେ । କିନ୍ତୁ ଲୁଣ କମ୍ ଉପଯୋଗ କରିବା ଭଲ ହେବ । ଭିଟାମିନ୍ ସି' ଅଭାବରୁ ସ୍କର୍ଭି



ରୋଗ ହୋଇଥାଏ । ସ୍କର୍ଭିର ଲକ୍ଷଣ ଦାନ୍ତ ମାଢ଼ି, ନଖ ଆଦିରେ ପ୍ରକାଶ ପାଏ । ଏହାସହ ଥକ୍କାପଣ ମଧ ଅନୁଭୂତ ହୁଏ । ତେନ୍ତୁଳି ପତ୍ରରେ ଅଧିକ ମାତ୍ରାରେ ଏକ୍ସୋର୍ବିକ୍ ଏସିଡ୍ ଥିବାରୁ ଏହା ଆଣ୍ଟି ସ୍କର୍ଭି ଭିଟାମିନ୍ ରୂପରେ କାର୍ଯ୍ୟ କରିଥାଏ ।

ତେନ୍ତୁଳି ପତ୍ର ଫୁଲା ଓ ଯନ୍ତ୍ରଣା କମ୍ କରିବାରେ ସହାୟକ ହୋଇଥାଏ । ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ପାଇଁ ମଧ ଆପଣ ଏହା ଉପଯୋଗ କରିପାରିବେ ।

ତେନ୍ତୁଳି ପତ୍ର ଅର୍କ ସେବନ କରିବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ । ଫଳରେ ମଧୁମେହକୁ ନିୟନ୍ତ୍ରଣ କରାଯାଇ ପାରିଥାଏ ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।
- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

## ହିତକର ବନ୍ଧାକୋବି

କୋବି ସାଧାରଣତଃ ଶୀତଦିନିଆ ପରିବା । ବିଭିନ୍ନ ପ୍ରକାରର କୋବି ରହିଛି, ଯଥା ବନ୍ଧା କୋବି, ଫୁଲ କୋବି, ଓଲ କୋବି ଏବଂ ବ୍ରୋକୋଲି । ବନ୍ଧାକୋବିକୁ ପତ୍ର କୋବି ମଧ କହିଥାନ୍ତି । ବନ୍ଧା କୋବିରେ ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପଯୋଗୀ ।

ଯେଉଁ ବ୍ୟକ୍ତି ନିୟମିତ ରୂପରେ ବନ୍ଧା କୋବି ଖାଇଥାନ୍ତି ସେମାନଙ୍କୁ କ୍ୟାନସର ହେବାର ଆଶଙ୍କା ଖୁବ୍ କମ ରହିଥାଏ ।



ଏଥିରେ ସିନିଗ୍ରିନ୍, ଇଣ୍ଡୋଲ ଓ ପାର୍ବିନୋଲପାୟା ନାମକ ତତ୍ତ୍ୱ ରହିଥାଏ । ଏହି କାରଣରୁ କ୍ୟାନସର ଭଳି ରୋଗ ହେବାର ଭୟ ନ ଥାଏ ।

ଆଖି ପାଇଁ ପତ୍ର କୋବି ରାମବାଣ ପରି କାମ କରେ । ନିୟମିତ କୋବି ଖାଇଲେ ମୋତିଆବିନ୍ଦୁରୁ ମୁକ୍ତି ମିଳିଥାଏ । ନିୟମିତ ବନ୍ଧା କୋବି ଖାଉଥିବା ଲୋକଙ୍କ ଶରୀରରେ ବୀଟା କ୍ୟାରୋଟିନ୍ ସ୍ତର ବଢ଼ିଯାଇଥାଏ । ଯେଉଁଥି ପାଇଁ ଦୃଷ୍ଟି ଶକ୍ତି ସୁରକ୍ଷିତ ରହିଥାଏ । କୋଷ୍ଠକାଠିନ୍ୟ ଯନ୍ତ୍ରଣା ଭୋଗ କରୁଥିବା ବ୍ୟକ୍ତି ନିୟମିତ ବନ୍ଧା କୋବି ଖାଇବା ଦ୍ୱାରା ଏହି କଷ୍ଟ ଦୂର ହୋଇଥାଏ । ଏଥିରେ ପ୍ରଚୁର ଫାଇବର ରହିଛି, ଯେଉଁ କାରଣରୁ ଖାଦ୍ୟ ସହଜରେ ହଜମ ହୋଇଯାଏ ।

ପତ୍ରକୋବିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ରହିଛି । ଯେଉଁ କାରଣରୁ ଏହାକୁ ଖାଇଲେ ତ୍ୱଚା ସବୁବେଳେ ସୁସ୍ଥ ଓ ସୁନ୍ଦର ରହିଥାଏ । ନିୟମିତ ଭାବେ ଯେଉଁମାନେ ପତ୍ରକୋବି ଖାଇଥାନ୍ତି, ସେମାନଙ୍କ ମୁଖ ବ୍ରଣ ଦୂର ହେବା ସହିତ ତ୍ୱଚାରେ ଚମକ ଆସିଥାଏ ।

ପତଳା ହେବାକୁ ଚାହୁଁଥିବା ଲୋକ ନିୟମିତ ରୂପରେ ପତ୍ର କୋବି ଖାଇବା ଉଚିତ । କାରଣ ଏଥିରେ ଫାଇବର ଅଧିକ ଥିବାରୁ ଓଜନ କମ୍ କରିଥାଏ । କମ କ୍ୟାଲୋରି ରହିଥାଏ, ଯେଉଁ କାରଣରୁ ପେଟ ସବୁବେଳେ ଭରି ରହିବା ପରି ଜଣାପଡେ । ଭୋକ କମ ହେବାରୁ ଅଧିକ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ ନାହିଁ ।

ସାବଧାନ: ଯଦି ଆପଣ ନିୟମିତ ବନ୍ଧାକୋବି ଖାଉଛନ୍ତି ତେବେ ଦିନରେ ଅଧିକ ଥର ଏହାକୁ ଖାଆନ୍ତୁ ନାହିଁ । ଏହା ପେଟ ସମସ୍ୟା ସୃଷ୍ଟି କରିବ ।

## ଅବସାଦରୁ ରକ୍ଷା କରିବ ପ୍ରାର୍ଥନା

ଆଜିକାଲିର ବ୍ୟସ୍ତମୟ ଜୀବନରେ ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ ।



ଏଥିରୁ ରକ୍ଷା ପାଇବା ସହଜ ନୁହେଁ । ତେବେ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିପାରନ୍ତି । ହେଲେ ଏଭଳି ଏକ ସରଳ ଉପାୟ ରହିଛି ଯାହାଦ୍ୱାରା ଆପଣ ଅବସାଦ ଠାରୁ ନିଜକୁ ଦୂରେଇ ରଖି ପାରିବେ । ତାହା ହେଲା ପ୍ରାର୍ଥନା । ଅବସାଦଗ୍ରସ୍ତ ହେବା ପରେ ଯଦି ଜଣେ କିଛି ସମୟ ଶାନ୍ତ ପରିବେଶରେ କିଛି ସମୟ ପ୍ରାର୍ଥନା କରନ୍ତି ତେବେ ତାହାର ସୁଫଳ ମିଳିବ ବୋଲି ଯୁକ୍ତି ବାଢ଼ିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ । ପ୍ରାର୍ଥନାର ସୁପ୍ରଭାବ କେବଳ ଅବସାଦ ଉପରେ ନୁହେଁ, ଏହାଦ୍ୱାରା ଜଣେ ନିରୋଗ ମଧ ରହିଥାଏ । ମନରେ ଶାନ୍ତି ଆଣିବା ସହ ଶରୀରକୁ ଆହୁରି ଚଳଚଞ୍ଚଳ କରାଇଥାଏ । ଖାସ୍ କଥା ହେଲା, ନିୟମିତ ବ୍ୟାୟାମ କରିବା ଦ୍ୱାରା ରକ୍ତଚାପ (ବ୍ଲଡପ୍ରେସର) ମଧ ସନ୍ତୁଳିତ ରହିଥାଏ ।

## କହିପାରିବେ କି ?

(୧) ପୂର୍ବରୁ କେଉଁ ଭାରତୀୟଙ୍କୁ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ମିଳିଥିଲା ?
(୨) ୧୮୫୬ ମସିହାରେ ବିଧବା ପୁନର୍ବିବାହର ନିୟମ କିଏ ଲାଗୁ କରିଥିଲେ ?
(୩) କଥକଲୀ କେଉଁ ରାଜ୍ୟର ଶାସ୍ତ୍ରୀୟ ନୃତ୍ୟ ?
(୪) କୁମାର ପୂର୍ଣ୍ଣିମାକୁ ଅନ୍ୟ କେଉଁ ପୂର୍ଣ୍ଣିମା କୁହାଯାଏ ?
(୫) ଆକାଶ ଦୀପ କେବେ ଜଳେ ?
(୬) ଗାନ୍ଧିଜୀ କାହାକୁ ନିଜ ରାଜନୈତିକ ଗୁରୁ ବୋଲି ମାନୁଥିଲେ ?
(୭) ଇଣ୍ଡିଆନ୍ ନ୍ୟାସନାଲ କଂଗ୍ରେସର ପ୍ରଥମ ଅଧକ୍ଷ କିଏ ଥିଲେ ?
(୮) ହୋମିଓପ୍ୟାଥିର ଜନକ କିଏ ?
(୯) ପଣ୍ଡିତ ହରିପ୍ରସାଦ ଚୌରାଶିଆ କେଉଁ ଯନ୍ତ୍ର ବାଦକ ?
(୧୦) କେଉଁ ନଦୀକୁ ଦକ୍ଷିଣ ଗଙ୍ଗା କୁହାଯାଏ ?

### JUMBLE WORDS

| | | | |
|---|---|---|---|
| 1) ERMIP | = | 6) DDAYD | = |
| 2) JYEON | = | 7) FETFEC | = |
| 3) TONKYT | = | 8) SECEEH | = |
| 4) DAYTIN | = | 9) BOYHB | = |
| 5) OCTLU | = | 10) TUHRT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ସୁନା, ୨. ପୂର୍ବ ଆଣ୍ଟାରଟିକା, ୩.ଇଥିଓପିଆ, ୪.ଓଟ, ୫.ସୂର୍ଯ୍ୟ, ୬.ବ୍ରିଟେନ, ୭.ଚିତା ବାଘ, ୮.ତ୍ୱଚା, ୯.ସ୍ୱାଦହୀନ, ୧୦.ନୀଳ ନଦୀ ।

***Jumble Words* ର ଉତ୍ତର :-**

(1) BLURB (2) WORLD (3) FREELY (4) SIZZLE (5) OPERA

(6) OFFER (7) SIMMER (8) BANNER (9) JOIST (10) TAUNT

## ପରିବର୍ତ୍ତନର ସଫଳ ସୂତ୍ରଧର... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମୂଳ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ବିଭାଗ ସହ ସହ ଦକ୍ଷତା ବିକାଶ ବିଭାଗର ଦାୟିତ୍ୱ ମଧ ମିଳିଲା । ଗରିବ ପରିବାରକୁ ‘ଉଜ୍ଜ୍ୱଳା’ ଯୋଜନାରେ ରନ୍ଧନ ଗ୍ୟାସ୍ ଯୋଗାଣ କାର୍ଯ୍ୟକ୍ରମ ଧର୍ମେନ୍ଦ୍ରଙ୍କୁ ‘ପରିବର୍ତ୍ତନର ସୂତ୍ରଧର’ ଭାବେ ପ୍ରତିପାଦିତ କଲା । ମୋଦିଙ୍କ ମନ୍ତ୍ରୀମଣ୍ଡଳରେ ‘ଉଜ୍ଜ୍ୱଳା’, ‘ପହଲ’ ଯୋଜନା ସହ ‘ଗିଭ୍ ଇଟ୍ ଅପ’ ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରି ସମଗ୍ର ଦେଶରେ ନୂଆ ଚର୍ଚ୍ଚା ଆରମ୍ଭ କରିଥିଲେ ଏହି ଓଡ଼ିଆ ମନ୍ତ୍ରୀ । ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ୫୫ ଲକ୍ଷ ଗ୍ୟାସ ସଂଯୋଗ ପ୍ରଦାନ କରି ଗରିବ ମାଆ ଆଖି ଲୁହ ପୋଛିବାରେ ସକ୍ଷମ ହୋଇଛନ୍ତି ଧର୍ମେନ୍ଦ୍ର । କୋଭିଡ୍ ସମୟରେ ଇସ୍ପାତ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବେଳେ ସେ ନିରନ୍ତର ଅକ୍ସିଜେନ ଯୋଗାଣକୁ ସୁନିଶ୍ଚିତ କରିବା ସହ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାର ଗୁରୁ ଦାୟିତ୍ୱ ନିଷ୍ଠାର ସହ ତୁଲାଇଥିଲେ ।

ତିନି ଦଶନ୍ଧି ପରେ ପ୍ରଣୀତ ନୂଆ ଜାତୀୟ ଶିକ୍ଷାନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଧର୍ମେନ୍ଦ୍ର କଠିନ ପରିଶ୍ରମ କରିଛନ୍ତି । ଏସଡିଆଇ ଭୁବନେଶ୍ୱର, ଆଇସିଟି-ମୁମ୍ବାଇ, ନ୍ୟାସନାଲ ସ୍କିଲ ଟ୍ରେନିଂ ଇନଷ୍ଟିଚ୍ୟୁଟ, ଆଇଜର-ବ୍ରହ୍ମପୁର, ଓଡ଼ିଶା ରିସର୍ଚ୍ଚ ସେଣ୍ଟର ସହ ଆଇଆଇଏମ୍ ସମ୍ବଲପୁରରେ ରଙ୍ଗବତୀ ସେଣ୍ଟର ପ୍ରତିଷ୍ଠା କରିବାର ଦାୟିତ୍ୱ ତାଙ୍କରି ମୁଣ୍ଡରେ । ତାଙ୍କ ଦ୍ୱାରା ଆଇଆଇଟି ଭୁବନେଶ୍ୱରେ ରିସର୍ଚ୍ଚ ପାର୍କ ସହ ଆଇଆଇଏମ୍ ସମ୍ବଲପୁରରେ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରାଯାଇଛି । ଅନୁଗୁଳ, ଢେଙ୍କାନାଳ, ଦେବଗଡ, ସମ୍ବଲପୁର ଓ ଭଦ୍ରକରେ ୫ଟି ସ୍କିଲ ଇଣ୍ଡିଆ ସେଣ୍ଟର ପ୍ରତିଷ୍ଠା ହୋଇଛି ।

ଧର୍ମେନ୍ଦ୍ରଙ୍କ ରାଜନୈତିକ କ୍ୟାରିୟର ଗ୍ରାଫ୍ ସଫଳତାରେ ପରିପୂର୍ଣ୍ଣ । ରାଜନୈତିକ ପରିବାରରୁ ଆସିଥିବା ଧର୍ମେନ୍ଦ୍ର ୩୦ ବର୍ଷରେ ବିଧାୟକ ଭାବେ ପାଲଲହଡ଼ାରୁ ନିର୍ବାଚିତ ହେଲେ । ୨୦୦୦ରୁ ୨୦୦୪ ବିଧାନସଭା ବିତର୍କରେ ସକ୍ରିୟ ଅଂଶଗ୍ରହଣ ପାଇଁ ତାଙ୍କୁ ଶ୍ରେଷ୍ଠ ବିଧାୟକ ଭାବେ ‘ଉତ୍କଳମଣି ପ୍ରତିଭା ସମ୍ମାନ’ ମିଳିଥିଲା । ସେ ୨୦୦୪ରେ ଦେବଗଡରୁ ସାଂସଦ ଭାବେ ନିର୍ବାଚିତ ହୋଇ ସଂସଦରେ ଆଖିଦୃଶିଆ ପ୍ରଦର୍ଶନ କଲେ । ୨୦୦୧ରେ ସେ ରାଜ୍ୟ ଯୁବମୋର୍ଚ୍ଚାର ସଭାପତି ଥିଲେ । ୨୦୦୪ରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହୋଇ ଦେଶର ଯୁବଗୋଷ୍ଠୀଙ୍କୁ ନେତୃତ୍ୱ ଦେଇଥିଲେ । ୨୦୦୭ରେ ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଓ ୨୦୧୦ରେ ଦୁଇଥର ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇ ନିଜ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ ।

ଛାତ୍ର ଜୀବନରୁ ଏବିଭିପି ସହ ଜଡ଼ିତ ଧର୍ମେନ୍ଦ୍ରଙ୍କୁ ବିଜେପି ବିଭିନ୍ନ ସମୟରେ ଭରସା କରି ବହୁ । ଗୁରୁଦାୟିତ୍ୱ ଦେଇଛି । ଯାହାକୁ ସେ ନିଷ୍ଠାର ସହ ପାଳନ କରିଛନ୍ତି । ଦଳର ବହୁ ସଙ୍କଟ ସମୟରେ ସେ ସଂକଟମୋଚକ ଭାବେ ଉଭା ହୋଇଛନ୍ତି । ତାଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ ଓଡ଼ିଶାରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ୨.୪ ଲକ୍ଷ କୋଟି ଟଙ୍କାର ନିବେଶ ସୃଷ୍ଟି ହୋଇଛି । ଏହା ଓଡ଼ିଶାର ଶିଳ୍ପ ବିକାଶ ସହ ହଜାର ହଜାର ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି ।

ଓଡ଼ିଶାରେ ବିଜେପିକୁ ଶକ୍ତିଶାଳୀ କରିବାର ନେତାଙ୍କ ତାଲିକାରେ ମଧ ଅଛନ୍ତି ଧର୍ମେନ୍ଦ୍ର । ୨୦୧୯ରେ ଦଳକୁ ଶକ୍ତିଶାଳୀ କରିବାକୁ ତାଙ୍କ ପରିଶ୍ରମ ବ୍ୟର୍ଥ ଯାଇ ନ ଥିଲା । ଚଳିତ ଥର ମଧ ସେ ଦଳ ପାଇଁ ବେଶ୍ ପରିଶ୍ରମ କରିଛନ୍ତି । ରାଜ୍ୟରେ ବିଜେପିକୁ କ୍ଷମତାକୁ ଆଣିବାରେ ତାଙ୍କ ଅବଦାନକୁ ଅଣଦେଖା କରିହେବନି । ଧର୍ମେନ୍ଦ୍ର ପ୍ରଥମ ଓଡ଼ିଆ ଭାବେ ବିହାରରୁ ରାଜ୍ୟସଭାକୁ ଯାଇଥିଲେ । ତାଙ୍କର ଆବଶ୍ୟକତାକୁ ଅନୁଭବ କରି ପୁଣି ଦ୍ୱିତୀୟଥର ମଧପ୍ରଦେଶରୁ ଦଳ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲା । ମୋଦିଙ୍କ କ୍ୟାବିନେଟରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ତାଙ୍କୁ ଗଣାଯାଏ । ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ଭରସା କରି ପୁଣି କ୍ୟାବିନେଟରେ ନେଇଛନ୍ତି ।

## ବରଗଡ଼ ଜିଲ୍ଲା ମନ୍ତ୍ରୀଶୂନ୍ୟ

ବରଗଡ଼ : ରାଜ୍ୟର ନୂତନ ମନ୍ତ୍ରିମଣ୍ଡଳରେ ବରଗଡ଼ ଜିଲ୍ଲାରୁ କେହି ସ୍ଥାନ ପାଇନାହାନ୍ତି । ବିଜେଡି ସରକାରର ହେଭିୱେଟଙ୍କୁ ନିର୍ବାଚନରେ ମାତ୍ ଦେଇ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରୁ ୪ଟିରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇନ୍ତି । ବିଜେଡିର ମନ୍ତ୍ରୀ ରୀତା ସାହୁଙ୍କୁ ସନତ ଗଡତିଆ ହରାଇଥିବା ବେଳେ ଦୁଇ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଓ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଯଥାକ୍ରମେ ଇରାଶିଷ ଆଚାର୍ଯ୍ୟ ଓ ନିହାର ମହାନନ୍ଦ ହରାଇଛନ୍ତି । ଦୁଇଥର ବିଧାୟକ ହୋଇଥିବା ଦେବେଶ ଆଚାର୍ଯ୍ୟଙ୍କୁ ହରାଇଛନ୍ତି ଅଶ୍ୱିନୀ ଷଡ଼ଙ୍ଗୀ । ପଦ୍ମପୁର ଆସନକୁ ଛାଡ଼ିଦେଲେ, ବିଜେଡିର ଗଡ଼ କୁହାଯାଉଥିବା ବରଗଡ଼ ଏଥର ବିଜେପି କବ୍‌ଜାକୁ ଆସିଛି । ଏପରିକି ବରଗଡ଼ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଅଢ଼େଇ ଲକ୍ଷ ଭୋଟ ବ୍ୟବଧାନରେ ସାଂସଦ ନିର୍ବାଚିତ ହୋଇଛନ୍ତି । ରାଜ୍ୟରେ ସର୍ବାଧିକ ଭୋଟ୍ ବ୍ୟବଧାନରେ ସେ ଜିଣିଥିବାରୁ ଶ୍ରୀ ପୁରୋହିତଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ତାହା ହୋଇ ନ ଥିଲା । ତେବେ ରାଜ୍ୟ ନୂତନ ମନ୍ତ୍ରୀମଣ୍ଡଳରେ ନିହାତି ବରଗଡ଼ ଜିଲ୍ଲାରୁ ବିଜେପିରୁ ନିର୍ବାଚିତ ହୋଇଥିବା ୪ ଜଣ ବିଧାୟକଙ୍କ ମଧରୁ ଅନ୍ତତଃ ଜଣଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ଆଲୋଚନା ହେଉଥିଲା । ସୂଚନାଯୋଗ୍ୟ ଯେ, ରାଜ୍ୟ ରାଜନୀତିରେ ବରଗଡ଼ ଜିଲ୍ଲା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରଖିଆସିଛି । ଏ ଜିଲ୍ଲାରୁ ନିର୍ବାଚିତ ବିଧାୟକମାନେ ବିଭିନ୍ନ ସମୟରେ ମନ୍ତ୍ରୀପଦ ପାଇଛନ୍ତି । ୧୯୫୧-୫୨ ରୁ ୨୦୨୪ ଯାଏଁ ବିଭିନ୍ନ ସମୟରେ ବିଧାୟକମାନେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ପାଇଥିଲେ । ରାଜ୍ୟ ମନ୍ତ୍ରୀମଣ୍ଡଳରେ ବିଭିନ୍ନ ସମୟରେ ତୀର୍ଥବାସୀ ପ୍ରଧାନ, ବୀରବିକ୍ରମାଦିତ୍ୟ ସିଂ ବରିହା, ସରସ୍ୱତୀ ପ୍ରଧାନ, ଡାକ୍ତର କୃପାସିନ୍ଧୁ ଭୋଇ, ମୋହନ ନାଗ, ବିଜୟ ରଂଜନ ସିଂ ବରିହା, ନବୀନ ପ୍ରଧାନ, ପ୍ରକାଶ ଦେବତା, ଆନନ୍ଦ ଆଚାର୍ଯ୍ୟ, ବିମ୍ବାଧର କୁଅଁର, ପ୍ରସନ୍ନ ଆଚାର୍ଯ୍ୟ, ସୁଶାନ୍ତ ସିଂ, ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ ପ୍ରମୁଖ ସ୍ଥାନ ପାଇଥିଲେ ।

## ଜୟନାରାୟଣ ମିଶ୍ର ମନ୍ତ୍ରୀ ମଣ୍ଡଳରେ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସମ୍ବଲପୁର ବିଧାନସଭା ଆସନ ବିଜେପିର ଗଡ଼ । ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ୫ ଥର ଏଠାରେ ବିଜେପି ନିଜର ବିଜୟ ଧ୍ୱଜା ଉଡାଇଛି । ଯେତେବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ବିଜେପି ପରାଜିତ ହେଉଥିଲା ସମ୍ବଲପୁର ବିଧାନସଭା ମତଦାତା ବିଜେପିକୁ ଯାଇଥିଲା । ସମଗ୍ର ରାଜ୍ୟରେ ବିଜେପିର ମାତ୍ର ୬ ଜଣ ବିଧାୟକଙ୍କ ମଧରୁ ସମ୍ବଲପୁର’ ବିଧାୟକ ଅନ୍ୟତମ ଥିଲେ । ତେଣୁ ଆଶା ଥିଲା ରାଜ୍ୟରେ ବିଜେପି ସରକାର ଗଠନ ପରେ ସମ୍ବଲପୁରରୁ ପ୍ରତିନିଧିତ୍ୱ ରହିବ । ମାତ୍ର ଓଡ଼ିଶାର ଅନ୍ୟତମ ଟାଣୁଆ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦଦେଇ ମତଦାତାଙ୍କୁ ନିରାଶ କରାଯାଇଛି । ସ୍ୱାଧୀନତା ପୂର୍ବରୁ ଏବଂ ସ୍ୱାଧୀନତାର ପ୍ରାଥମିକ ପର୍ଯ୍ୟାୟରେ ସମ୍ବଲପୁରକୁ ମନ୍ତ୍ରୀ ପଦ ମିଳୁଥିଲା, କିନ୍ତୁ ସମୟକ୍ରମେ ସେ ସ୍ଥିତିରେ ପରିବର୍ତ୍ତନ ହୋଇଥିବା ତଥ୍ୟାଭିଜ୍ଞ ମାନେ ମତ ଦେଉଛନ୍ତି ।

ରାଜ୍ୟର ପ୍ରଥମ ମନ୍ତ୍ରୀମଣଡଳ ୧୯୩୭ ମସିହାରେ ଗଠିତ ହୋଇଥିଲା । ଏଥିରେ ସ୍ଥାନ ପାଇଥିଲେ ସମ୍ବଲପୁର ବିଧାୟକ ବୋଧରାମ ଦୁବେ । ବିଶ୍ୱନାଥ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବା ସମୟରେ ବୋଧରାମ ଦୁବେ ଶିକ୍ଷାମନ୍ତ୍ରୀ ଭାବରେ ଶିକ୍ଷାନୀତି ଆଗତ କରିଥିଲେ । ସ୍ୱାଧୀନତା ପରେ ୧୯୫୧ ମସିହାରେ ସ୍ୱାଧୀନ ଭାରତରେ ପ୍ରଥମ ବିଧାନସଭା ଗଠନ ହୋଇଥିଲା । ଏଥିରେ ସମ୍ବଲପୁର ବିଧାୟକ ତଥା ଗଣତନ୍ତ୍ର ପରିଷଦ ନେତା ଶ୍ରଦ୍ଧାକର ସୂପକାର ବିରୋଧୀ ଦଳ ନେତା ହୋଇଥିଲେ । ୧୯୫୭ ମସିହାରେ ମିଳିତ ମନ୍ତ୍ରୀମଣ୍ଡଳରେ ଆଇନଜୀବୀ ଲକ୍ଷ୍ମୀପ୍ରସାଦ ମିଶ୍ର ପଞ୍ଚାୟତିରାଜ ମନ୍ତ୍ରୀ ହୋଇଥିଲେ । ୧୯୬୧-୬୨ ମସିହାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ । ରେଭେନ୍ସାରେ ବିଜୁ ପଟ୍ଟନାୟକ ପଢୁଥିବା ସମୟରେ ବନମାଳୀ ବାବୁ ତାଙ୍କ ତଳ ବ୍ୟାଚ୍‌ରେ ପଢୁଥିଲେ । ବନମାଳୀବାବୁ ଉପମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଥିଲା । କିନ୍ତୁ, ବନମାଳୀଙ୍କ ବିରୋଧୀମାନଙ୍କ ପକ୍ଷରୁ ତାଙ୍କୁ ମନ୍ତ୍ରୀ ପଦ ନ ଦେବାପାଇଁ ଚାପ ପ୍ରୟୋଗ କରାଯାଇଥିଲା । ବିଜୁ ପଟ୍ଟନାୟକ ତାଙ୍କୁ ଉପମୁଖ୍ୟମନ୍ତ୍ରୀର ଦାୟିତ୍ୱ ଦେବାରୁ ସେ ଏହାକୁ ମନା କରି ଦେଇଥିଲେ । ମୁଖ୍ୟମନ୍ତ୍ରୀ ଭାବରେ ବିଜୁ ପଟ୍ଟନାୟକଙ୍କ ଇସ୍ତଫା ପରେ ବୀରେନ ମିତ୍ର ଏବଂ ସଦାଶିବ ତ୍ରିପାଠୀ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେମାନଙ୍କ ମନ୍ତ୍ରୀମଣ୍ଡଳରେ ବନମାଳୀ ବାବୁ ଆଇନ, ନଗରଉନ୍ନୟନ, ରାଜନୈତିକ ବ୍ୟାପାର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ । ୧୯୬୭ ମସିହାରେ ବିଧାନସଭା ନିର୍ବାଚନରେ ବନମାଳୀ ବାବୁ କଂଗ୍ରେସ ଟିକେଟରେ ଜିତିଥିଲେ । କଂଗ୍ରେସ ବିଧାୟକ ଦଳର ସମ୍ପାଦକ ହୋଇଥିଲେ । ୧୯୭୧ ମସିହାରେ ବିଧାୟକ ଶ୍ରୀବଲ୍ଲଭ ପାଣିଗ୍ରାହୀ ଉଭୟ ନନ୍ଦିନୀ ଶତପଥୀ ଏବଂ ବିନାୟକ ଆଚାର୍ଯ୍ୟଙ୍କ ମନ୍ତ୍ରୀମଣ୍ଡଳରେ ଅର୍ଥାତ ୧୯୭୨ରୁ ୧୯୭୭ ମସିହା ମଧରେ ଆଇନ, ରାଜସ୍ୱ, ଶିକ୍ଷା ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇଥିଲେ । ଏହାପରେ ଜନତା ପାର୍ଟି ପକ୍ଷରୁ ଝସକେତନ ସାହୁ ବିଧାୟକ ହୋଇଥିଲେ । ସେ ମଧ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ଅବକାରୀ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇଥିଲେ । ୧୯୮୦ ମସିହାରେ କଂଗ୍ରେସ ଦଳ ଶାସନକୁ ଆସିଥିଲା । ସମ୍ବଲପୁର ବିଧାନସଭା ଆସନକୁ କଂଗ୍ରେସ ନେତା ଅଶ୍ୱିନୀ ଗୁରୁ କବ୍‌ଜା କରିଥିଲେ । ମଧ ସେ ମନ୍ତ୍ରୀ ହୋଇ ପାରିଲେ ନାହିଁ । ୧୯୮୫ ମସିହାରେ ଶ୍ରଦ୍ଧାକର ସୂପକାର ଶାସକ ଦଳର ବିଧାୟକ ହୋଇ ମଧ ମନ୍ତ୍ରୀ ପଦ ପାଇନଥିଲେ । ୧୯୯୫ ମସିହାରେ ଜାନକୀ ପଟ୍ଟନାୟକଙ୍କ ଶାସନ ସମୟରେ ସମ୍ବଲପୁର ବିଧାୟକ ଦୁର୍ଗାଶଙ୍କର ପଟ୍ଟନାୟକ ଶ୍ରମ ମନ୍ତ୍ରୀ ହୋଇଥିଲେ । ବିଜେଡି-ବିଜେପି ମେଣ୍ଟ ସରକାରରେ ଜୟନାରାୟଣ ପ୍ରଥମେ ଉପମୁଖ୍ୟ ସଚେତକ ଏବଂ ୨୦୦୪ ମସିହାରେ ପରିବହନ ମନ୍ତ୍ରୀ ହୋଇଥିଲେ । ତେବେ ୨୦୧୪ ମସିହାରେ ସମ୍ବଲପୁର ବିଧାନସଭା ଆସନକୁ ଶାସକ ଦଳର ବିଧାୟକ ମିଳିଥିଲେ ମଧ ମନ୍ତ୍ରୀ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପଦ ମିଳିଲା ନାହିଁ । ଶ୍ରୀ ମିଶ୍ର ୨୦୧୯ ମସିହାରେ ବିରୋଧୀ ଦଳ ନେତା ହୋଇ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ଶାଣିତ ସମାଲୋଚନା କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲେ ।

## ପ୍ରଶାସକରୁ ସଫଳ ରାଜନେତା ଅଶ୍ୱିନୀ

ଭୁବନେଶ୍ୱର: ପ୍ରଶାସକରୁ ରାଜନେତା ଅଶ୍ୱିନୀ ବୈଷ୍ଣବ ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱାସ ଜିତିଛନ୍ତି । ମୋଦି ୩.୦ରେ ସେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି । ଓଡ଼ିଶାରୁ ଦୁଇ ଥର ରାଜ୍ୟସଭାକୁ ଯାଇଥିବା ଶ୍ରୀ ବୈଷ୍ଣବଙ୍କ ଏ ସଫଳତାକୁ ନେଇ ସାରା ରାଜ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

ପ୍ରତିଟି ସଫଳତା ପଛରେ କାହାର ପରିଶ୍ରମ ଓ ନିଷ୍ଠା ଥାଏ । ଦେଶରେ ରେଳବାଇର ରୂପାନ୍ତରୀକରଣ ସହ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ବୈଷ୍ଣବଙ୍କ ଯୋଗଦାନ ବେଶ୍ ଉଲ୍ଲେଖନୀୟ । ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳରୁ ଆରମ୍ଭ କରି ୫ଜି ଓ ଭାରତରେ ମାଇକ୍ରୋଚିପ୍ ନିର୍ମାଣକୁ ବୈଷ୍ଣବଙ୍କ ମିଶନ ବୋଲି ସ୍ୱୀକାର କରାଯାଏ । ତାଙ୍କର କାର୍ଯ୍ୟଦକ୍ଷତାକୁ ପୁଣି ପୁରସ୍କାର ଦେଇଛନ୍ତି ପ୍ରଧାନମନ୍ତ୍ରୀ । ରାଜସ୍ଥାନ ପାଲି ଜିଲ୍ଲା ଅନ୍ତର୍ଗତ ଜିଦ କଲାନ ଗ୍ରାମରେ ୧୮ ଜୁଲାଇ ୧୯୭୦ରେ ଜନ୍ମିତ ଅଶ୍ୱିନୀ ବୈଷ୍ଣବ ୧୯୯୧ରେ ଯୋଧପୁର ସ୍ଥିତ ଏମବିଏମ ଇଞ୍ଜିନିୟରିଂ କଲେଜରୁ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ୧୯୯୪ ବ୍ୟାଚ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବୈଷ୍ଣବ ପ୍ରଶାସନିକ ଅଧିକାରୀ ଭାବେ ବଣେଇ ଉପଜିଲ୍ଲାପାଳ, ବାଲେଶ୍ୱର ଓ କଟକ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି ।

ଜଣେ ଦକ୍ଷ ଆଇଏଏସ୍ ଅଫିସର ଭାବେ ଶ୍ରୀ ବୈଷ୍ଣବ ବେଶ୍ ସୁନାମ ଅର୍ଜନ କରିଥିଲେ । ୨୦୧୯ ରେ ହଠାତ୍ ରାଜ୍ୟସଭା ଯାଇ ସମସ୍ତଙ୍କୁ ଚକିତ କରିଥିବା ଅଶ୍ୱିନୀ ପୁଣି ବିଜେଡି ସମର୍ଥନରେ ୨୦୨୪ ରେ ରାଜ୍ୟସଭାକୁ ଯାଇଛନ୍ତି । ଛାତ୍ର ଜୀବନରେ ବେଶ୍ ୱିସ୍‌ଡମ୍ କ୍ୟାରିୟରର ଅଧିକାରୀ ଶ୍ରୀ ବୈଷ୍ଣବ ମୋଦି ସରକାରରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇ ନିଜ ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇଛନ୍ତି ।

କଟକର ଜିଲ୍ଲାପାଳ ଭାବେ ୧୯୯୯ ମହାବାତ୍ୟା ସମୟରେ ଅଶ୍ୱିନୀ ବାତ୍ୟା ପରିଚାଳନାକୁ ନେଇ ଚର୍ଚ୍ଚାକୁ ଆସିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାମ କରିବାରେ ଅଭିଜ୍ଞତା ବୈଷ୍ଣବଙ୍କ ପାଖରେ ରହିଛି । କେନ୍ଦ୍ର ରେଳମନ୍ତ୍ରୀ ଭାବେ ସେ ଓଡ଼ିଶାକୁ ବହୁ ମାତ୍ରାରେ ଗୁରୁତ୍ୱ ଦେଇଛନ୍ତି । ରେଳବାଇ ଓ ଟେଲିକମ୍ କ୍ଷେତ୍ରରେ ଓଡ଼ିଶାକୁ ସେ ବହୁତ ଆଗକୁ ନେଇଛନ୍ତି । ତାଙ୍କ ଉଦ୍ୟମ ବଳରେ ଓଡ଼ିଶାରେ ବୃହତ୍ ରେଳ ଯୋଗାଯୋଗ ହୋଇପାରିଛି । ଓଡ଼ିଶାରୁ ନିଜ ପ୍ରଶାସନିକ କ୍ୟାରିୟର ଓ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଅଶ୍ୱିନୀ ମୋଦି ୩.୦ରେ ଓଡ଼ିଶାକୁ ଅଧିକ ଫୋକସ୍ କରି ବିକାଶକୁ ଆଗେଇ ନେବେ ବୋଲି ରାଜ୍ୟବାସୀଙ୍କ ଆଶା ଓ ବିଶ୍ୱାସ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

16 - 22 June 2024



# ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ଗଠନକଲା ମନ୍ତ୍ରୀମଣ୍ଡଳ

ଭୁବନେଶ୍ୱର : ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାଜ୍ୟରେ ନିରଙ୍କୁଶ କ୍ଷମତାରେ ରହି ଆସିଥିବା ନବୀନ ପଟ୍ଟନାୟକଙ୍କ ଯୁଗର ଅବସାନ ଘଟିଛି । ଜନତା ମଇଦାନରେ ଆୟୋଜିତ ଭବ୍ୟ ଶପଥଗ୍ରହଣ ସମାରୋହରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀଭାବେ ମୋହନ ଚରଣ ମାଝି ଶପଥ ନେଇଛନ୍ତି । ମୋହନଙ୍କୁ ରାଜ୍ୟପାଳ ରଘୁବର ଦାସ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

ମୁଖ୍ୟମନ୍ତ୍ରୀଭାବେ ଶ୍ରୀ ମାଝି ଶପଥ ନେବା ପରେ ଉପ- ମୁଖ୍ୟମନ୍ତ୍ରୀ ଭାବେ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଶପଥ ନେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନଙ୍କ ମନ୍ତ୍ରୀମଣ୍ଡଳରେ ୮ ଜଣ କ୍ୟାବିନେଟ ଓ ୫ ଜଣ ରାଷ୍ଟ୍ରମନ୍ତ୍ରୀ ମଧ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । କ୍ୟାବିନେଟ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗ, ବିଭୂତି ଜେନା ଓ କୃଷ୍ଣଚନ୍ଦ୍ର ମହାପାତ୍ର ଶପଥ ନେଇଛନ୍ତି । ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଗଣେଶ ରାମସିଂ ଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୁରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ





ମଲ୍ଲିକ ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶପଥ ନେଇଛନ୍ତି ।

ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, ତ୍ରିପୁରା ମୁଖ୍ୟମନ୍ତ୍ରୀ ଡକ୍ଟର ମାନିକ ସାହାଙ୍କ ସମେତ ପ୍ରାୟ ୧ ଲକ୍ଷ ଲୋକ ଯୋଗ ଦେଇଥିଲେ ।

ପୂର୍ବରୁ ଏକାଧିକ ଥର ରାଜଭବନରେ ଶପଥଗ୍ରହଣ ସମାରୋହ ଆୟୋଜିତ ହୋଇଥାଏ । ଚଳିତଥର ପ୍ରଥମଥର ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳର ଶପଥଗ୍ରହଣ ସମାରୋହ ଜନତା ମଇଦାନରେ ଆୟୋଜନ କରାଯାଇଥିଲା । ପ୍ରାୟ ୫୦ହଜାର ଜନତାଙ୍କ ସମାଗମକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା । ତେବେ ସଭାରେ ଏକ ଲକ୍ଷରୁ ଅଧିକ ଜନସମାଗମ ହୋଇଥିଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଜନତାଙ୍କ ସୁଅ ଜନତା ମଇଦାନକୁ ଛୁଟିଥିଲା । ଶପଥଗ୍ରହଣ ସମାରୋହର ପ୍ରାୟ ୨ଘଣ୍ଟା ପୂର୍ବରୁ ସଭାସ୍ଥଳ ଓ ଏହାର ସନ୍ନିକଟ ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇଥିଲା । ଯାହା ଫଳରେ ଜନତା ମଇଦାନକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇ ପଡ଼ିଥିଲା । ଗୋଟିଏ ଗୋଟିଏ ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।

କଣ୍ଟାବାଞ୍ଜି ବିଧାନସଭା ଆସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପକ୍ଷରେ ବିଜେପିରୁ ପ୍ରାର୍ଥୀ ହୋଇଥିଲେ ଲକ୍ଷ୍ମଣ ବାଗ । ସମସ୍ତ କଳ୍ପନାଜଳ୍ପନାକୁ ଭୁଲ୍ ପ୍ରମାଣିତ କରି ଲକ୍ଷ୍ମଣ ନବୀନଙ୍କୁ ୧୫ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ କରିଥିଲେ । ନବୀନଙ୍କୁ ହରାଇବା ପରେ ଲକ୍ଷ୍ମଣ ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲେ । ନବୀନଙ୍କୁ ହରାଇଥିବାରୁ ଲକ୍ଷ୍ମଣଙ୍କୁ ସବୁଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ନୂଆ ମନ୍ତ୍ରୀମଣ୍ଡଳରେ ଲକ୍ଷ୍ମଣ ସ୍ଥାନ ପାଇବେ ବୋଲି ସମସ୍ତେ ଆଶା କରିଥିଲେ । ଲକ୍ଷ୍ମଣଙ୍କୁ ଏନେଇ ଫୋନ୍ ମଧ ଯାଇଥିଲା । ସେ ସଭାସ୍ଥଳକୁ ଆସିଥିଲେ । ହେଲେ ତାଙ୍କୁ ସଭାମଞ୍ଚକୁ ଆମନ୍ତ୍ରଣ କରାଗଲାନି । ସେ ମଞ୍ଚରେ ନ ବସି ବିଧାୟକଙ୍କ ପାଇଁ ଉଦ୍ଦିଷ୍ଟ ଚୌକିରେ ବସିଥିଲେ ।

## କୁଚିଣ୍ଡାକୁ ପ୍ରଥମ ଥର ପାଇଁ ମିଳିଲା ମନ୍ତ୍ରୀ ପଦ

ସମ୍ବଲପୁର : ସମ୍ବଲପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ବିଧାନସଭା କ୍ଷେତ୍ରକୁ କୌଣସି ସରକାରରେ ମନ୍ତ୍ରୀ ପଦ ମିଳି ନ ଥିବା ବେଳେ ମୋହନ ମାଝୀଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମ ଥର ମିଳିଛି କ୍ୟାବିନେଟ ମନ୍ତ୍ରୀ ପଦ । ଏହି ନିର୍ବାଚନମଣ୍ଡଳୀରୁ ଚତୁର୍ଥଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରବିନାରାୟଣ ନାଏକ ରାଜ୍ୟର ପ୍ରଥମ ଭାଜପା ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଫୁଟବଲ ଖେଳାଳିରୁ କ୍ୟାବିନେଟ୍ ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି ୪୯ ବର୍ଷୀୟ ରବିନାରାୟଣ ନାଏକ । ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକର ଖଣ୍ଡୋକଟା ଗାଁର ପ୍ରସିଦ୍ଧ ପାଲା କଳାକାର ଦଶରଥ ନାଏକଙ୍କ ପୁଅ ରବିନାରାୟଣ ପିଲାଟି ଦିନରୁ ଜଣେ ନାଁକରା ଫୁଟବଲ ଖେଳାଳି ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । କୁଚିଣ୍ଡା କଲେଜରେ ଯୁକ୍ତଦୁଇ ପାଠପଢ଼ା ପରେ ଶିକ୍ଷାରେ ଡୋରି ବାନ୍ଧିଥିଲେ । ରାଜନୀତି ବ୍ୟତୀତ ସେ ଜଣେ କଳାକାର ଭାବେ ବେଶ୍ ଜଣାଶୁଣା । ତାଙ୍କ ଗାଁ ଖଣ୍ଡୋକଟାରେ ଅନୁଷ୍ଠିତ ଧନୁଯାତ୍ରାରେ ନିଜେ କଂସ ଭୂମିକାରେ ନିଖୁଣ ଅଭିନୟ କରି ସମସ୍ତଙ୍କ ମନ ଜିତି ପାରିଛନ୍ତି । ତାଙ୍କ ଧର୍ମପତ୍ନୀ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଥିବା ବେଳେ ତାଙ୍କ ଦୁଇ ପୁଅ ଏବଂ ଝିଅ ଅଛନ୍ତି । ୧୯୯୮ରେ ସେ ବିଜେପିରେ ଯୋଗ ଦେଇଥିଲେ । ୨୦୦୦ ମସିହାରେ ସେ କୁଚିଣ୍ଡାରୁ ପ୍ରଥମ ବିଜେପି ବିଧାୟକ ହୋଇଥିଲେ ।



ଏହାପରେ ୨୦୦୪ ଓ ୨୦୧୪ ରେ ମଧ ଏହି ଆସନରୁ ବିଜୟ ଲାଭ କରିଥିଲେ ।

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମର ଦଶରଥ ନାଏକ ଓ ଶୁଭ ନାଏକଙ୍କ ମଧ୍ୟମପୁତ୍ର ରବି ୧୯୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ ପରେ ହାଡିପାଲି ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ । ପିଲା ବେଳୁ ଫୁଟବଲ ଖେଳ ପ୍ରତି ତାଙ୍କର ଆଗ୍ରହ ରହିଥିଲା । ସେ କୁଚିଣ୍ଡା ମହାବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ପରିଚିତ ଥିଲେ । +୩ ଶେଷବର୍ଷର ଛାତ୍ର ଥିବା ବେଳେ ୧୯୯୪-୯୫ ମସିହାରେ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ଖୋଜା ଚାଲିଥିଲା । କୁଚିଣ୍ଡାରେ ବିଜେପିର ବିଶେଷ ପ୍ରଭାବ ନ ଥିବା ଏବଂ ଅଞ୍ଚଳରୁ ଜଣାଶୁଣା ନେତା ନ ମିଳିବାରୁ ଫୁଟବଲ ଖେଳରେ ପରିଚିତ ଥିବା ଶ୍ରୀ ନାଏକଙ୍କୁ ବିଜେପିରେ ସାମିଲ କରି ବିଧାୟକ ପ୍ରାର୍ଥୀ କରାଯାଇଥିଲା । ସେ ଗଣ୍ଡ ସମ୍ପ୍ରଦାୟର ଜଣେ ଅମାୟିକ ଯୁବକ ହୋଇଥିବାରୁ କେତେକ ବିଜେପି ସମର୍ଥକ ଏବଂ ତାଙ୍କ ସହପାଠୀମାନେ ଶ୍ରୀ ନାଏକଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ । ସେ ପରାସ୍ତ ହୋଇଥଲେ ମଧ ନିର୍ବାଚନ ମଣ୍ଡଳୀରେ ଜଣେ ପରିଚିତ ବ୍ୟକ୍ତି ହୋଇ ପାରିଥିଲେ । ୨୦୦୦ ନିର୍ବାଚନରେ ରାଜ୍ୟରେ ବିଜେଡି- ବିଜେପି ମେଣ୍ଟ ରହିଥିବା ବେଳେ କୁଚିଣ୍ଡା ଆସନ ବିଜେପି ଭାଗରେ ପଡ଼ିଥିଲା । ସେହିବର୍ଷ ଶ୍ରୀ ନାଏକ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଏବେ ଶ୍ରୀ ନାଏକ କୁଚିଣ୍ଡା ସ୍ପୋର୍ଟସ୍ ଆସୋସିଏସନର ସମ୍ପାଦକ ଥିବା ବେଳେ ନିଜେ ମୃଦଙ୍ଗ ବଜାଇବା ସହ ସମ୍ପର୍ଦା ଦଳର ଜଣେ କାର୍ଯ୍ୟକର୍ତ୍ତା ।

## ପରିବେଶ ବିଜ୍ଞାନୀରୁ କ୍ୟାବିନେଟ୍ ମନ୍ତ୍ରୀ

ବଲାଙ୍ଗିର: ରାଜ୍ୟରେ ପ୍ରଥମ ବିଜେପି ସରକାରରେ ଡକ୍ଟର ମୁକେଶ ମହାଲିଙ୍ଗ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀରୁ ଡକ୍ଟର ମୁକେଶ ମହାଲିଙ୍ଗ ୨୦୨୪ ନିର୍ବାଚନରେ ବିଜେପି ଟିକଟରେ ଦ୍ୱିତୀୟ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି । ଲୋଇସିଂହା ବ୍ଲକ ନଅଗାଁ(ଖ) ଗାଁର ମୀନକେତନ ମହାଲିଙ୍ଗଙ୍କ ପୁଅ ମୁକେଶ ୧୯୭୩ ଜୁଲାଇ ୧୧ରେ ଜନ୍ମ ଗ୍ରହଣ କରିଥିଲେ । ବଲାଙ୍ଗୀର ଜିଲ୍ଲାର ଆଗଲପୁର ବ୍ଲକ ନଗାଁ(ଖ) ଗାଁର ବାସିନ୍ଦା ହେଉଛନ୍ତି ମୁକେଶ । ତାଙ୍କ ବାପା ମୀନକେତନ ବରଗଡ଼ ପଦ୍ମପୁରରେ ଶିକ୍ଷକ ଥିଲେ । ପଦ୍ମପୁରରେ ସ୍କୁଲ ଜୀବନ ବିତିଛି । ପତ୍ନୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରୁ ବିଜ୍ଞାନରେ ଯୁକ୍ତ ଦୁଇ ଓ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ସ୍ନାତକୋତ୍ତର, ଏମଫିଲ୍ ଓ ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ପରିବେଶ ବିଜ୍ଞାନୀ ଭାବେ ଡକ୍ଟର ମହାଲିଙ୍ଗ କର୍ମମୟ ଜୀବନ ଆରମ୍ଭ କରିଥିଲେ । ୨୦୧୯ ନିର୍ବାଚନ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ବିଜେପି ଟିକଟରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ବିଜେଡି ପ୍ରାର୍ଥୀ ପ୍ରଦୀପ



ବେହେରାଙ୍କୁ ୧୩୬୬୮ ଭୋଟରେ ପରାଜିତ କରିଥିଲେ । ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇ ବିଧାନସଭାରେ ଭଲ ପ୍ରଦର୍ଶନ କରିଥିବା ନଜିର ରହିଛି । ତତ୍କାଳୀନ ବିଜେଡି ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଦକ୍ଷତାର ସହ ଘେରିବାରେ ସମର୍ଥ ହୋଇଥିଲେ । ୨୦୨୪ ନିର୍ବାଚନରେ ପୁଣି ଥରେ ଲୋଇସିଂହାରୁ ବିଜେଡି ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କୁ ୧୮୧୯୦ ଭୋଟ୍‌ରେ ପରାସ୍ତ କରି ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ।

## ଝାରସୁଗୁଡ଼ାରେ ବିଧାୟକ ଟଙ୍କଧରଙ୍କ ରୋଡ୍ ସୋ

ଝାରସୁଗୁଡ଼ା : ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଭୁବନେଶ୍ୱରରୁ ଫେରିବା ପରେ ବିଜୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶ୍ରୀ ତ୍ରିପାଠୀ ଏକ ରୋଡ୍ ସୋ'ରେ ବାହାରି ଖୋଲା ଜିପ୍‌ରେ ଛିଡ଼ା ହୋଇ ଝାରସୁଗୁଡ଼ାବାସୀଙ୍କୁ ସମର୍ଥନ ପାଇଁ ନିଜ କୃତଜ୍ଞତା ଜଣାଇବା ସହ ଅଭିବାଦନ ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ବାଣ, ଡିଜେ ସହ କର୍ମୀମାନେ ସାମିଲ ହୋଇ ଖୁସି ମନାଇଥିଲେ । ବିଜୟ ଶୋଭାଯାତ୍ରା ସହରର ମନମୋହନ ସ୍କୁଲ ଠାରୁ ବାହାରି ଥାନା ଛକ, ଝଣ୍ଡା ଛକ, ଷ୍ଟେସନ ଛକ, ପୁରୁଣା ବସଷ୍ଟାଣ୍ଡ ଛକ ଦେଇ ବେହେରାମାଲ ପଟେ ଶୋଭାଯାତ୍ରା ଆଗେଇ ଥିଲା । ବିଜୟ ଶୋଭାଯାତ୍ରାରେ ସହର ସହସ୍ରାଧିକ ଦଳୀୟ କର୍ମୀ ଏବଂ ସମର୍ଥକ ଭାଗ ନେଇଥିଲେ ।




## କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ଏମ୍.ସି.ଏଲ ସିଏମଡି

ବୁର୍ଲା : ନିକଟରେ କେନ୍ଦ୍ରରେ କୋଇଲା ଓ ଖଣି ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ଜି. କିଷନ ରେଡ୍ଡୀଙ୍କୁ ଏମ୍.ସି.ଏଲର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି । ଏହାଛଡ଼ା ସେ ମନ୍ତ୍ରୀଙ୍କୁ ଏମ୍.ସି.ଏଲ୍‌ର କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଏମସିଏଲ ରେକର୍ଡ ଭଙ୍ଗ ପ୍ରଦର୍ଶନକୁ ଜାରି ରଖିବ ବୋଲି ସି.ଏମ୍.ଡି ଶ୍ରୀ କାଓଲେ ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ।



## ମୋଦିଙ୍କ ନାମରେ ଆଉ ଏକ ରେକର୍ଡ

ନୂଆଦିଲ୍ଲୀ : ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପରେ ନରେନ୍ଦ୍ର ମୋଦି ଲଗାତାର ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଏହାସହ ନରେନ୍ଦ୍ର ମୋଦିଙ୍କ ନାମରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି । ୨୪ ବର୍ଷରେ ମୋଦି ୭ଥର ଶପଥ ଗ୍ରହଣ କରି ଏକ ବିରଳ ରେକର୍ଡ ସ୍ଥାପନ କରିଛନ୍ତି । ସେ ମୁଖ୍ୟମନ୍ତ୍ରୀ ଭାବେ ୪ଥର ଓ ପ୍ରଧାନମନ୍ତ୍ରୀ ଭାବେ ୩ ଥର ଶପଥ ଗ୍ରହଣ କରିଛନ୍ତି । ୨୦୦୧ ଅକ୍ଟୋବରରେ ପ୍ରଥମଥର ପାଇଁ ନରେନ୍ଦ୍ର ମୋଦି ୫୧ ବର୍ଷ ବୟସରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ପୁଣି ୨୦୦୨ ଡିସେମ୍ବରରେ ଦ୍ୱିତୀୟଥର ପାଇଁ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୨୦୦୭ ଓ ୨୦୧୨ରେ ମଧ ସେ ତୃତୀୟ ଓ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ଏହାପରେ ୨୦୧୪, ୨୦୧୯ ଓ ୨୦୨୪ରେ ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra